## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ବିଏସ୍ଏନ୍ଏଲ୍ କର୍ମଚାରୀଙ୍କ ମୃତ୍ୟୁ

**ଖଇରା, ୧୩।୭(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ବିଏସ୍ଏନ୍ଏଲ୍ କାର୍ଯ୍ୟାଳୟର ବୈଷୟିକ ଅଧିକାରୀ ଆରତ ସେଠୀ (୫୫) ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଛନ୍ତି। କଟକ ଜିଲା ଅଡ଼ସପୁର ନିବାସୀ ଆରତ ୩୦ବର୍ଷ ହେବ କୁପାରୀଠାରେ ବୈଷୟିକ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ଶନିବାର ସକାଳେ କାର୍ଯ୍ୟାଳୟରୁ ଫୋନ ଆସିବାରୁ ସେ ତରବରିଆ ଭାବେ ଘର ବାଡ଼ିରେ ଚାଲୁଥିବା ମୋଟରକୁ ବନ୍ଦ କରିବାକୁ ଯାଇ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ୨ ଶିଶୁ ଶ୍ରମିକ ଉଦ୍ଧାର

**ସୋର, ୧୩।୭(ଡି.ଏନ.ଏ.):** ଜାତୀୟ ରାଜପଥ ପାର୍ଶ୍ୱ ସୋର ଉତ୍ତରେଶ୍ୱରରେ ହୋଟେଲ ଏବଂ ଫାଷ୍ଟଫୁଡ଼ ଦୋକାନରୁ ୨ଜଣ ଶିଶୁ ଶ୍ରମିକଙ୍କୁ ଶନିବାର ପୋଲିସ ସହାୟତାରେ ଖଇରା ଚାଇଲ୍ଡଲାଇନ୍ ଟିମ୍ ଉଦ୍ଧାର କରିଛି। ସୋର ଉତ୍ତରେଶ୍ୱର ନିକଟସ୍ଥ ଏକ ହୋଟେଲରେ ଜଣେ ୧୧ ବର୍ଷର ବାଳକ ଗତ ୩ ମାସ ହେଲା ମାସିକ ୮୦୦ଟଙ୍କାରେ କାମ କରୁଥିଲେ। ଏଥିସହ ଅନ୍ୟ ଏକ ଫାଷ୍ଟଫୁଡ଼ରେ କାମ କରୁଥିବା ନୀଳଗିରି ଅଞ୍ଚଳର ଜଣେ ୧୨ ବର୍ଷର ବାଳକଙ୍କୁ ଉଦ୍ଧାର କରାଯାଇଛି। ଖଇରା ଚାଇଲ୍ଡଲାଇନ୍ ନିର୍ଦ୍ଦେଶକ ମଦନମୋହନ ବେହେରାଙ୍କ ତତ୍ତ୍ୱାବଧାନରେ ପଞ୍ଚାନନ ତ୍ରିପାଠୀ ଏବଂ ଜ୍ୟୋତିପ୍ରକାଶ କର ସୋର ଥାନାରେ ପହଞ୍ଚି ପୋଲିସ ସହାୟତାରେ ଏହି ଦୁଇଜଣଙ୍କୁ ଉଦ୍ଧାର କରି ସିଡବ୍ଲ୍ୟୁସି ବାଲେଶ୍ୱରକୁ ନେଇଯାଇଥିବା ଜଣାଯାଇଛି।

### ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଲା ଟ୍ରେଲର ଖୁଣ୍ଟ ପଡ଼ି ଜଣଙ୍କର ମୃତ୍ୟୁ

**ସୋର, ୧୩।୭(ଡି.ଏନ.ଏ.):** ସୋର ଥାନା ବିଦୁ ପେଟ୍ରୋଲ ପମ୍ପଠାରେ ଏକ ଟ୍ରେଲର (ନଂ. ଏପି୧୬ଟିଜେ-୩୯୯୨) ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେବାରୁ ଖୁଣ୍ଟି ଭାଙ୍ଗି ପଡ଼ି ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ସେକ ରବାନୀ (୪୪)। ତାଙ୍କ ଘର ମହାରାଷ୍ଟ୍ରର ଆଙ୍ଗୁଲା ଜିଲାରେ। ସେ ଅନ୍ୟ ଏକ ଟ୍ରକ୍‌ର ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ସୋର ପୋଲିସ ପହଞ୍ଚି ଟ୍ରେଲରକୁ ଜବତ କରିବା ସହ ଶବ ଜବତ କରି ସୋର ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଛି।



# ଶାମୁକାର ବି ଅଭାବୀ ବିକ୍ରି

**ମାନସ ବିଶ୍ୱାଳ**
**ବାଲେଶ୍ୱର ଅଫିସ, ୧୩।୭**



■ କ୍ଷତିରେ ସଂଗ୍ରହକାରୀ, ଲାଭରେ ବେପାରୀ, ଦଲାଲ
■ ଆଖିବୁଜି ବସିଛି ବନବିଭାଗ

ବାଲେଶ୍ୱର ଜିଲା ସମୁଦ୍ର ବେଳାଭୂମିରେ ମିଳୁଥିବା ବିଭିନ୍ନ ପ୍ରଜାତିର ଶାମୁକା ଉପକୂଳବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଗରିବ ଶ୍ରମଜୀବୀଙ୍କ ଜୀବନଜୀବିକା ପାଲଟିଛି। ବେଳାଭୂମି ସମେତ ଅଗଭୀର ସମୁଦ୍ର ଜଳରାଶିରୁ ସେମାନେ ଶାମୁକା ସଂଗ୍ରହ କରି ବେପାରୀଙ୍କୁ ବିକି ତେଲ ଲୁଣ ଗୁଜୁରାଣ ମେଣ୍ଟାଉଛନ୍ତି। ଏହି ସାମୁଦ୍ରିକ ସମ୍ପଦ ଉପରେ ଆନ୍ତଃରାଜ୍ୟ ବେପାରୀ ଓ ଦଲାଲମାନେ ଆଖି ପକାଇ ସଂଗ୍ରହକାରୀଙ୍କଠାରୁ ଏହାକୁ କମ୍ ଦାମ୍‌ରେ କିଣି ନେଇ ନିୟମିତ ବାହାରକୁ ଚାଲାଣ କରି ଆସୁଛନ୍ତି। ଉପକୂଳ ସୁରକ୍ଷା ଦାୟିତ୍ୱରେ ଥିବା ବନବିଭାଗ ସାମୁଦ୍ରିକ ସମ୍ପଦ ଶାମୁକାର ଉପଯୁକ୍ତ ବିନିଯୋଗ ଲାଗି କୌଣସି ପଦକ୍ଷେପ ନେଉ ନ ଥିବାରୁ ଦିନକୁ ଦିନ ଏହାର ଚୋରାଚାଲାଣ ବଢ଼ିଚାଲିଛି। ଗରିବ ଶ୍ରମିକମାନେ ଦିନସାରା ପରିଶ୍ରମ କରି ସଂଗ୍ରହ କରୁଥିବା ଶାମୁକା ବିକି ସର୍ବନିମ୍ନ ପାରିଶ୍ରମିକ ପାଇପାରୁ ନ ଥିବା ବେଳେ ବେପାରୀ ଓ ଦଲାଲମାନେ ଏହାକୁ ବାହାରେ ଚଢ଼ା ଦାମ୍‌ରେ ବିକି ଫାଇଦା ଉଠାଉଛନ୍ତି। ଶାମୁକାର ଏହି ଅଭାବୀ ବିକ୍ରିକୁ ନେଇ ଚିନ୍ତା ବଢ଼ିଛି।

ବାଲେଶ୍ୱର ଉପକୂଳରୁ କଶି, ସରୁ, ଗେଣ୍ଡା, ଶଙ୍ଖ, ସିପି, ପାତି, ଫାଳି ଓ ଚୁନି ଆଦି ବିଭିନ୍ନ ପ୍ରଜାତିର ଶାମୁକା ମିଳିଥାଏ। ଏଥିମଧ୍ୟରୁ ଗେଣ୍ଡା, ପାତି, ଶଙ୍ଖ ଓ ଫାଳି ଶାମୁକାର ଚାହିଦା ଅଧିକ ରହିଛି। ଏସବୁ ଶାମୁକାରୁ ବିଭିନ୍ନ ଆକର୍ଷଣୀୟ ଘର ସାଜସଜ୍ଜା ସାମଗ୍ରୀ ସମେତ ନାନା ସୌଖୀନ ଉପକରଣ ପ୍ରସ୍ତୁତ କରାଯାଇପାରୁଛି। ଏପରିକି ଶାଢ଼ି କାରୁକାର୍ଯ୍ୟରେ ଏହାକୁ ବ୍ୟବହାର କରାଯାଉଛି। ସେହିପରି ଚୂନ ଏବଂ କୁକୁଡ଼ା ଦାନା ପ୍ରସ୍ତୁତ କରାଯାଉଛି। ଶାମୁକା ଏକ ସାମୁଦ୍ରିକ ଜୀବ। ଏମାନେ କୂଳକୁ ଭାସି ଆସି ଲହଡିରେ ପିଟି ହୋଇ ମୃତ୍ୟୁମୁଖରେ ପଡିଥାନ୍ତି। ମୃତ ଶାମୁକାଙ୍କ ଖୋଳପା ବେଳାଭୂମି ବାଲୁକା ଶଯ୍ୟାରେ ପଡି ରହିଥାଏ। ସୂର୍ଯ୍ୟକିରଣରେ ଦୂରକୁ ଏହା ଚକଚକ୍ ଦିଶେ। ସ୍ଥାନୀୟ ଉପକୂଳବର୍ତ୍ତୀ ଗ୍ରାମର ଶ୍ରମଜୀବୀ ଗରିବ ଲୋକେ ମୃତ ଶାମୁକାର ଖୋଳପାକୁ ସଂଗ୍ରହ କରି ଦୀର୍ଘଦିନ ଧରି ଜୀବନଜୀବିକା ବିତାଇ ଆସୁଛନ୍ତି। ଶାମୁକାକୁ ନେଇ ଉକ୍ତ ଅଞ୍ଚଳରେ କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା ସକାଶେ ଅଞ୍ଚଳବାସୀ ଦାବି କରିଆସୁଥିଲେ ମଧ୍ୟ ସରକାର ଓ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ।

ବାଲେଶ୍ୱର ଜିଲା ଚାନ୍ଦିପୁର ଥାନା ଅଧୀନ ବଳରାମଗଡ଼ି, ପରିଖି, ବାହାବଳପୁର, କଷାଫଳ, ତାଳପଦା, ଆଡ଼ିଆ ଅଞ୍ଚଳ ସମେତ ଚାନ୍ଦିପୁର ଆଇଟିଆର୍ ରେଞ୍ଜ ଅଧୀନ ୫ ହଜାରରୁ ୧୭ ହଜାର ପଏଣ୍ଟରେ ୫ଶହରୁ ଊର୍ଦ୍ଧ୍ୱ ପରିବାର ସମୁଦ୍ର ଜୁଆରରେ ଭାସି ଆସୁଥିବା ଶାମୁକା ସଂଗ୍ରହ କରୁଥିବା ଜଣାପଡିଛି। ଦୈନନ୍ଦିନ ଜଣେ ବ୍ୟକ୍ତି ୫ରୁ ୭ ବସ୍ତା ପର୍ଯ୍ୟନ୍ତ ଶାମୁକା ପାଣିରୁ ସଂଗ୍ରହ କରି ବ୍ୟବସାୟୀଙ୍କୁ ବିକିଥାନ୍ତି। ଏକବସ୍ତା ଶାମୁକା ପିଛା ସଂଗ୍ରହକାରୀଙ୍କୁ ମିଳିଥାଏ ମାତ୍ର ୨୫ଟଙ୍କା। ପଶ୍ଚିମବଙ୍ଗ ଓ ଅନ୍ୟ ସ୍ଥାନରେ ଶାମୁକା ବସ୍ତା ପିଛା ପ୍ରାୟ ୨ଶହ ଟଙ୍କାରେ ବିକ୍ରି ହୋଇଥାଏ। ବାଲେଶ୍ୱର ଉପକୂଳବର୍ତ୍ତୀ ଅଞ୍ଚଳରେ ସକ୍ରିୟ ଥିବା ଶାମୁକା ଦଲାଲ୍ ଓ ବେପାରୀମାନେ ଦୈନିକ ପ୍ରାୟ ଶହେ ଟନ୍ ଶାମୁକା କିଣି ବାହାରକୁ ଚାଲାଣ କରୁଥିବା ସ୍ଥାନୀୟ ଲୋକଙ୍କ ସୂତ୍ରରୁ ଜଣାପଡିଛି। ଶାମୁକା ଭଳି ସାମୁଦ୍ରିକ ସମ୍ପଦ ସଂଗ୍ରହ ଉପରେ କୌଣସି କଟକଣା ନ ଥିବାରୁ ରାଜ୍ୟ ସରକାର ବିପୁଳ ରାଜସ୍ୱ ହରାଉଥିବା ଅଞ୍ଚଳବାସୀ କହିଛନ୍ତି। ଗୁଡୁପାହି ଅଞ୍ଚଳର ଶାମୁକା ସଂଗ୍ରହକାରୀ ରୀମା ସିଂ କହିଛନ୍ତି, ଆଗରୁ ଅଧିକ ପରିମାଣର ଶାମୁକା ମିଳୁଥିଲା। ବର୍ତ୍ତମାନ ଆଗଭଳି ଶାମୁକା ମିଳୁନାହିଁ। ଏଣୁ ଦିନକୁ ଦିନ ରୋଜଗାର କମିବାରେ ଲାଗିଛି। ବେପାରୀମାନେ ଏହାକୁ କମ୍ ମୂଲ୍ୟରେ କିଣୁଥିବାରୁ ଆମେ କ୍ଷତି ସହୁଛୁ। ଏ ସମ୍ପର୍କରେ ଜିଲା ବନାଧିକାରୀ ବିଶ୍ୱରାଜ ପଣ୍ଡାଙ୍କୁ ପଚାରିବାରୁ ପୂର୍ବରୁ ଶାମୁକା ଚାଲାଣ ରୋକିବା ପାଇଁ ଚଢ଼ାଉ କରାଯାଇ ଏହାକୁ ଜବତ କରାଯାଇଛି। ତେବେ ଚୋରାଚାଲାଣ ବୃଦ୍ଧି ହେବା ନେଇ କୌଣସି ଅଭିଯୋଗ ମିଳି ନାହିଁ। ଏଥିପ୍ରତି ସେ ଦୃଷ୍ଟି ଦେବେ ବୋଲି କହିଥିଲେ। ଉପକୂଳ ଅଞ୍ଚଳରେ ଶାମୁକାର ବିନିଯୋଗ ଲାଗି କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା ଦିଗରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଦୃଷ୍ଟି ଦେବା ଉଚିତ୍ ବୋଲି ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଦାବି କରିଛନ୍ତି।

### ଆହତ ସାଇକେଲ ଆରୋହୀଙ୍କ ମୃତ୍ୟୁ

**ଖଇରା, ୧୩।୭(ଡି.ଏନ.ଏ.)**

ସୋର-କୁପାରୀ ରାସ୍ତାର ଦାନ୍ତିଆ ଛକ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ବୋଲେରୋ ଧକ୍କାରେ ଆହତ ହୋଇଥିବା ଜୟଦେବ ମୁଖୀ (୧୭) ନାମକ ନାବାଳକଙ୍କ ଭଦ୍ରକ ଡାକ୍ତରଖାନାରେ ମୃତ୍ୟୁ ହୋଇଛି। ତାଙ୍କ ଘର ଖଇରା ବ୍ଲକ ଗୋବିନ୍ଦପୁର ଗ୍ରାମରେ। ଧକ୍କା ଦେଇଥିବା ବୋଲେରୋ (ନଂ. ଓଡ଼ି-୧୧କ୍ୟୁ-୮୨୮୪) ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ କ୍ଷତିପୂରଣ ପାଇଁ ଜୟଦେବଙ୍କ ଜେଜେ ଚୈତନ୍ୟ ମୁଖୀ ଖଇରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଚୈତନ୍ୟଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ନାତି ଜୟଦେବ ସାଇକେଲରେ ନିଜ ସାଙ୍ଗ ରାକେଶ ମୁଖୀଙ୍କ ସହ ରଥ ଦେଖିବାକୁ ଗଣ୍ଡିବେଡ଼ ଯାଉଥିଲେ। ଦାନ୍ତିଆ ଛକ ନିକଟରେ ଖଇରାରୁ ଗଣ୍ଡିବେଡ଼ ଅଭିମୁଖେ ଯାଉଥିବା ବୋଲେରୋ ତାଙ୍କ ନାତି ଓ ତାଙ୍କ ସାଙ୍ଗକୁ ଧକ୍କା ଦେଇ ଦ୍ରୁତ ଗତିରେ ପଳାଇଯିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ବିପରୀତ ଦିଗରୁ ଗଣ୍ଡିବେଡ଼ରୁ ବାହୁଡା ଡ୍ୟୁଟି ସାରି ଫେରୁଥିବା ପୋଲିସ ଭ୍ୟାନ୍ ସହ ବୋଲେରୋର ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ୪ ପୋଲିସ କର୍ମଚାରୀ ସହ ମୋଟ ୭ଜଣ ଆହତ ହୋଇଥିଲେ। ଏ ସଂକ୍ରାନ୍ତରେ ଧକ୍କା ଦେଇଥିବା ବୋଲେରୋ ବିରୋଧରେ ଏକ ମାମଲା (ନଂ. ୧୨୬/୧୯) ରୁଜୁ କରାଯାଇଛି।

■ ଥାଲାସେମିଆ ସଚେତନତା ଶିବିର

## ୨୫୭ ରୋଗୀଙ୍କୁ ଚିକିତ୍ସା

**ବାଲେଶ୍ୱର ଅଫିସ, ୧୩।୭**

ବାଲେଶ୍ୱର 'ଇମ୍ୟୁନୋ ହମ୍ପି କେୟାର ଏବଂ ଡାଇଗ୍ନୋଷ୍ଟିକ' ତରଫରୁ ଶନିବାର ଏକ ମେଗା ଥାଲାସେମିଆ ସଚେତନତା ଶିବିର ଉଦ୍‌ଘାଟିତ ହୋଇଛି। ଶିବିରରେ ୨୫୭ ରୋଗୀଙ୍କୁ ମାଗଣାରେ ଚିକିତ୍ସା କରାଯିବା ସହ ପରିବାର ଲୋକଙ୍କୁ ସଚେତନ କରାଯାଇଥିଲା। ଏସ୍‌ସିବି ମେଡ଼ିକାଲ କଲେଜ ଆସୋସିଏଟ୍ ପ୍ରଫେସର ଡା. ସୁଧା ସେଠୀ ଶିବିରକୁ ଉଦ୍‌ଘାଟନ କରିବା ସହ ଥାଲାସେମିଆ ରୋଗୀଙ୍କ ପାଇଁ ଉପାଦେୟ ତଥ୍ୟ ଉପସ୍ଥାପନ କରିଥିଲେ। ଚିକିତ୍ସା ଦ୍ୱାରା ତାହାକୁ କେମିତି ନିୟନ୍ତ୍ରଣ କରାଯାଇପାରିବ ତାହା ଉପରେ ଆଲୋକପାତ କରିଥିଲେ। ନାରାୟଣୀ ଆୟୁର୍ବେଦିକ ରିସର୍ଚ୍ଚ ଓ ୱେଲେନେମ୍ ସେଣ୍ଟରର ମୁଖ୍ୟ ବିଶିଷ୍ଟ ଆୟୁର୍ବେଦ ଭେଷଜ ବିଶେଷଜ୍ଞ ଡା. ଶାନ୍ତନୁ ଦାସ ସଭାପତିତ୍ୱ କରିବା ସହ ଆୟୁର୍ବେଦ ଚିକିତ୍ସାରେ ଥାଲାସେମିଆ ରୋଗୀଙ୍କଠାରେ ଜମା ହେଉଥିବା ଲୌହଅଂଶକୁ କମାଇବାର ଉପାୟ କହିଥିଲେ। ଏଥିରେ 'ନାଟ୍‌କୋ ଅନ୍‌କୋଲୋଜି' ତରଫରୁ ସିନିୟର ସେଲ୍‌ସ ମ୍ୟାନେଜର ଦେବକୁମାର ଘୋଷ, ଏରିଆ ମ୍ୟାନେଜର ନିରଞ୍ଜନ ନାୟକ ଉପସ୍ଥିତ ରହି ଶିବିରକୁ ସହଯୋଗ କରିଥିଲେ। ଇମ୍ୟୁନୋ ହମ୍ପି କେୟାର ଏବଂ ଡାଇଗ୍ନୋଷ୍ଟିକ ସେଣ୍ଟର ନିର୍ଦ୍ଦେଶକ ଆଦିତ୍ୟ ନାରାୟଣ ସେନାପତି ଧନ୍ୟବାଦ ଦେବା ସହ ସବୁପ୍ରକାର ସହଯୋଗ କରିବାକୁ ପ୍ରସ୍ତାବ ଦେଇଥିଲେ। ଥାଲାସେମିଆ ରୋଗୀଙ୍କ ମଧ୍ୟରେ ଚିତ୍ର ଓ ସଙ୍ଗୀତ ପ୍ରତିଯୋଗିତା ଆୟୋଜନ କରାଯାଇ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ଅଜିତ୍ କୁମାର ନାୟକ, କିଶୋର ଅଗ୍ରୱାଲ, ଉପାସନା ରାମ ଉପସ୍ଥିତ ରହି ସହଯୋଗ କରିଥିଲେ।

### ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

## ୪୧୨ ମାମଲା ଫଇସଲା

**ବାଲେଶ୍ୱର ଅଫିସ, ୧୩।୭**

ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ବାଲେଶ୍ୱର ଜିଲାଜଜ୍ କୋର୍ଟ, ଜଳେଶ୍ୱର, ସୋର, ନୀଳଗିରି ଓ ବସ୍ତା ତାଲୁକ ଆଇନସେବା କେନ୍ଦ୍ରଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲା ଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ରାମଶଙ୍କର ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଷ୍ଟ୍ରୀୟ ଲୋକ ଅଦାଲତରେ ୪୧୨ମାମଲାର ଫଇସଲା ହୋଇଛି।

ଲୋକ ଅଦାଲତରେ ଜିଲାଜଜ୍‌ଙ୍କ ସହ ଅନ୍ୟ ବିଚାର ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ୮୭ ଦେୱାନୀ, ୨୫ ଚେକ୍ ବାଉନ୍‌ସ ମାମଲା, ୪ ବ୍ୟାଙ୍କ ରିକଭରି ମାମଲା, ୭୪ ମୋଟରଯାନଜନିତ ଦୁର୍ଘଟଣା ମାମଲା, ୧୫ ବୈବାହିକ ବିବାଦ ମାମଲା, ୨୦୬ ପ୍ରାକ୍ ମାମଲା ଓ ଗୋଟିଏ ବୈଦ୍ୟୁତିକ ମାମଲାର ଫଇସଲା କରାଯାଇଥିଲା। ଚେକ୍ ବାଉନ୍ସ ମାମଲା ବାବଦକୁ ୩୬, ୪୯, ୩୫୧ ଟଙ୍କା, ବ୍ୟାଙ୍କ୍ ଋଣ ଆଦାୟ ମାମଲା ବାବଦକୁ ୧୫, ୯୯, ୬୫୧ ଟଙ୍କା, ମୋଟରଜନିତ ଦୁର୍ଘଟଣା ମାମଲା ବାବଦକୁ ୩,୨୭,୨୩୦୦୦ ଟଙ୍କା ଆଦାୟ କରାଯାଇଥିଲା। ଏତଦ୍‌ଭିନ୍ନ ୧୮୮ ପ୍ରାକ୍ ମାମଲାର ଫଇସଲା କରାଯାଇ ୬୪, ୧୫, ୭୭୭ ଟଙ୍କା ଆଦାୟ କରାଯାଇଛି। ୧୮ ଟେଲିଫୋନ ମାମଲାର ଫଇସଲା କରାଯାଇଛି। ଏହି ଲୋକ ଅଦାଲତକୁ ଜିଲା ଆଇନସେବା ପ୍ରାଧିକରଣର ସଚିବ ସୁକୁମାର ମହାପାତ୍ର ପରିଚାଳନା କରିଥିଲେ।

## ଅଧାବାଟରେ ଅଟକିଲେ ଶ୍ରୀଜୀଉ

**ନୀଳଗିରି, ୧୩।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରିର ପ୍ରସିଦ୍ଧ ବାହୁଡ଼ା ଯାତ୍ରାରେ ଶନିବାର ରଥରେ ବିଜେ ଶ୍ରୀଜୀଉ ଭକ୍ତଙ୍କ ଗହଳରେ ବଡ଼ଦାଣ୍ଡରେ ଆସି ଅଧାବାଟରେ ଅଟକିଛନ୍ତି। ରବିବାର ଯଥା ରୀତିକ୍ରାନ୍ତି ପରେ ଶ୍ରୀଜୀଉ ମନ୍ଦିରର ରତ୍ନସିଂହାସନରେ ବିଜେ କରିବେ ବୋଲି ସହକାରୀ ପୂଜକ ହରିବନ୍ଧୁ କର କହିଛନ୍ତି।

ଅପରାହ୍ନରେ ରଥରେ ବିଜେ ଶ୍ରୀଜୀଉଙ୍କ ନିକଟରେ ଆଦିସେବକ ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା କରି ବାହୁଡ଼ା ଯାତ୍ରା ରଥଟଣା ଅନୁକୂଳ କରିଥିଲେ। ପରେ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ସ୍ଥାନୀୟ ସହକାରୀ ଜିଲାପାଳ ରାକେଶ କୁମାର ପଣ୍ଡା ପତାକା ହଲାଇ ଭକ୍ତଙ୍କୁ ରଥ ଟଣିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହରିବୋଲ, ଶଙ୍ଖ, ହୁଳହୁଳି, ଭଜନକୀର୍ତ୍ତନ ଆଦି ଶବ୍ଦରେ ବଡ଼ଦାଣ୍ଡ ଉଚ୍ଛୁଳି ପଡ଼ିଥିଲା। ଶ୍ରୀଜୀଉଙ୍କ ରଥକୁ ଟାଣିବା ପାଇଁ ଭକ୍ତଙ୍କ ଗହଳି ଲାଗିଥିଲା। ଭକ୍ତଙ୍କ ଗହଳରେ ବଡ଼ଦାଣ୍ଡରେ ଶ୍ରୀଜୀଉ ସ୍ଥାନେ ସ୍ଥାନେ ରହଣି କରି ଅଧାବାଟରେ ଅଟକିଥିଲେ। ଶ୍ରୀଜୀଉଙ୍କ ଦର୍ଶନ ଓ ରଥ ଟାଣିବା ଲାଗି ସ୍ଥାନୀୟ ଗଡ଼ଜାତ ସମେତ ଜିଲା ତଥା ପଡ଼ୋଶୀ ମୟୂରଭଞ୍ଜ ଜିଲାର ବିଭିନ୍ନ ଅଞ୍ଚଳରୁ ପାଖାପାଖି ୫୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ବଡ଼ଦାଣ୍ଡରେ ସମାଗମ ହୋଇଥିଲେ।



ଅଧାବାଟରେ ଅଟକି ରହିଛି ଶ୍ରୀଜୀଉଙ୍କ ରଥ।

ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ସ୍ଥାନୀୟ ପୋଲିସ ପକ୍ଷରୁ ୫ ପ୍ଲାଟୁନ୍ ଫୋର୍ସ ରଥ ଟଣା ସମେତ ବିଭିନ୍ନ ସ୍ଥାନରେ ନିୟୋଜିତ ହୋଇଥିଲେ। ବାହୁଡ଼ାଯାତ୍ରାର ପ୍ରଥମ ଦିନ ଶାନ୍ତିଶୃଙ୍ଖଳାରେ ରଥ ଟଣା ସମ୍ପନ୍ନ ହୋଇଥିବା ଥାନା ଅଧିକାରୀ ନଳିତା ମୋଦୀ କହିଛନ୍ତି। ଏହି ଅବସରରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ସମେତ ନିର୍ବାଚିତ ଜନପ୍ରତିନିଧି ରଥ ଟଣାରେ ସାମିଲ ଥିଲେ। ଉଦ୍ଧାରକାରୀ ଦଳ ଭାବରେ ଅଗ୍ନି ସେବା ବିଭାଗ କର୍ମଚାରୀ, ଭକ୍ତଙ୍କ ପାଇଁ ଅସ୍ଥାୟୀ ସ୍ୱାସ୍ଥ୍ୟ ଓ ସୂଚନା କେନ୍ଦ୍ର ଆଦି ଖୋଲାଯାଇଥିଲା। ରଥଦାଣ୍ଡରେ ଅସ୍ଥାୟୀ ବ୍ୟବସାୟ ପ୍ରତିଷ୍ଠାନ ସହିତ ପ୍ରଦର୍ଶନୀ ପଡ଼ିଆ ଶୋଭାବର୍ଦ୍ଧନ କରିଥିଲା। ସନ୍ଧ୍ୟାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରଥ ଉପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଗୋବର୍ଦ୍ଧନ ବିଶ୍ୱାଳ ସୂଚନା ଦେଇଛନ୍ତି।

## 'ରାଇବଣିଆ ଦୁର୍ଗର ପୁନରୁଦ୍ଧାର ଲାଗି ଉଦ୍ୟମ କରାଯିବ'

**ଜଳେଶ୍ୱର, ୧୩।୭(ଡି.ଏନ.ଏ.)**

ପର୍ଯ୍ୟଟନ, ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଶନିବାର ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ସୁବର୍ଣ୍ଣରେଖା ଅବବାହିକାରେ ଅବସ୍ଥିତ ଐତିହାସିକ ରାଇବଣିଆ ଦୁର୍ଗ ପରିଦର୍ଶନ କରିଛନ୍ତି। ଉକ୍ତ ଦୁର୍ଗର ଇତିହାସକୁ କେବେ ବି ଲିଭିବାକୁ ଦିଆଯିବ ନାହିଁ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। ଦୁର୍ଗର ରକ୍ଷଣାବେକ୍ଷଣ, ପୁନରୁଦ୍ଧାର କରିବା ସହିତ ଚତୁଃପାର୍ଶ୍ୱରେ ଭିତ୍ତିଭୂମିର ବିକାଶ ପାଇଁ ରାଜ୍ୟ ସରକାର ଅନୁଦାନ ରାଶି ଯୋଗାଇଦେବା ସହିତ ଦୁର୍ଗର ପୂର୍ବ ଓ ଦକ୍ଷିଣ ଦ୍ୱାରରେ ସୁସଜ୍ଜିତ ତୋରଣ ନିର୍ମାଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।



ଦୁର୍ଗ ପରିସରରେ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିଧାୟକ ଅଶ୍ୱିନୀ ପାତ୍ର ଓ ଅନ୍ୟମାନେ।

ଏହି ଅବହେଳିତ ଦୁର୍ଗକୁ ବିଶ୍ୱ ମାନଚିତ୍ରରେ ଏକ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ଦେବା ପାଇଁ ରାଜ୍ୟସରକାର ଉଦ୍ୟମ କରନ୍ତୁ ବୋଲି ରାଇବଣିଆ ଦୁର୍ଗ ସୁରକ୍ଷା ଓ ଆଞ୍ଚଳିକ ଉନ୍ନୟନ ସଙ୍ଗଠନ ତରଫରୁ ମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଥିଲା। ମନ୍ତ୍ରୀ ଦୁର୍ଗର ଭଗ୍ନାବଶେଷ ଓ ପୂର୍ବଦ୍ୱାରକୁ ଅନୁଧ୍ୟାନ କରିବା ସହିତ ପରିସରସ୍ଥ ମା' ଗଡ଼ଚଣ୍ଡୀଙ୍କୁ ଦର୍ଶନ କରି ଆଶୀର୍ବାଦ କାମନା କରିଥିଲେ। ଏହି ସମୟରେ ସ୍ଥାନୀୟ ବିଧାୟକ ଅଶ୍ୱିନୀ କୁମାର ପାତ୍ର, ଜିଲାପାଳଙ୍କ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକ, ସଙ୍ଗଠନର ସଭାପତି ପ୍ରଫୁଲ୍ଲ କୁମାର ସୁର, କାର୍ଯ୍ୟକାରୀ ସଭାପତି ଆଇନଜୀବୀ ନୃସିଂହ ଦାସମହାପାତ୍ର, ସମ୍ପାଦକ ଡ. ଶ୍ରୀକାନ୍ତଚରଣ ପାତ୍ର, ସହସମ୍ପାଦକ ନାରାୟଣ ପ୍ରସାଦ ଦାସଙ୍କ ସମେତ ସାହିତ୍ୟିକ ବିପିନ ବିହାରୀ ବିଶ୍ୱାଳ, କବି ବ୍ରଜେନ୍ଦ୍ର ନାଥ ଗିରି, ବ୍ଲକ ଅଧ୍ୟକ୍ଷା ସବିତାରାଣୀ ଦଳାଇ, ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ, ଜିଲାପରିଷଦ ସଭ୍ୟା ରଙ୍ଗଲତା ଆଚାର୍ଯ୍ୟ, ମାନିନୀ ପ୍ରମାଣିକ, ପୂର୍ବତନ ସରପଞ୍ଚ ଅଜୟ ମହାନ୍ତି, ଓଲମାରା ସରପଞ୍ଚ ଯତୀନ୍ଦ୍ର ମହାନ୍ତି, ଶିଖରପୁର ସରପଞ୍ଚ ହରେକୃଷ୍ଣ ଗିରି ପ୍ରମୁଖ ଦୁର୍ଗର ବିକାଶ ଉପରେ ଆଲୋଚନା କରିଥିଲେ। ପ୍ରଶାସନ ତରଫରୁ ରାଜ୍ୟ ସଂସ୍କୃତି ବିଭାଗର ପ୍ରତ୍ନତତ୍ତ୍ୱବିତ୍ ଡ. ସୁନୀଲ ପଟ୍ଟନାୟକ, ପ୍ରତ୍ନତାତ୍ତ୍ୱିକ ସରୋଜ କୁମାର ନନ୍ଦ, ଜିଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତ, ପର୍ଯ୍ୟଟନ କାର୍ଯ୍ୟାଳୟର ପରିସଂଖ୍ୟାନ ସହାୟକ ମୋନାଲିସା ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ଅବହେଳିତ ଦୁର୍ଗର ବିକାଶ ପାଇଁ ପୂର୍ବରୁ ବିଭିନ୍ନ ସମୟରେ ଆସିଥିବା ୮୦ ଲକ୍ଷରୁ ଊର୍ଦ୍ଧ୍ୱ ଅନୁଦାନ ଅର୍ଥର ସୁବିନିଯୋଗ କରା ଯାଇ ନ ଥିବା ଅଭିଯୋଗ କରାଯାଇଥିଲା। ଏ ବିଷୟରେ ମନ୍ତ୍ରୀ ଅନୁଧ୍ୟାନ କରିବେ ବୋଲି କହିଥିଲେ। ପରେ ରାଇବଣିଆସ୍ଥିତ ଏକ ବିଦ୍ୟାଳୟରେ ମନ୍ତ୍ରୀଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଦୁର୍ଗ ଇତିହାସର ଗବେଷକ ତଥା ଲେଖକ ଡ. ଶ୍ରୀକାନ୍ତ ଚରଣ ପାତ୍ରଙ୍କ ଦ୍ୱାରା ଲିଖିତ 'ରାଇବଣିଆର ଦିଗ ଦିଗନ୍ତ' ପୁସ୍ତକର ୨ୟ ସଂସ୍କରଣକୁ ମନ୍ତ୍ରୀ ଉନ୍ମୋଚନ କରିଥିଲେ। ସଭା ପରେ ମନ୍ତ୍ରୀ ମାକିଡ଼ିଆ ସ୍ଥିତ ଟସର ଶିଳ୍ପକୁ ବୁଲି ଦେଖିବା ସହିତ ମୁଣ୍ଡୁଣିଆ ଗ୍ରାମ ସ୍ଥିତ ଭକ୍ତକବି ଦୀନକୃଷ୍ଣଙ୍କ ଜନ୍ମସ୍ଥଳୀ କବିଡ଼ିହ ପରିଦର୍ଶନ କରିଥିଲେ।

## ପ୍ରତିଶ୍ରୁତି ପରେ ସ୍ୱାଭାବିକ ହେଲା ସାଦିକପୁର ୟୁଜିୟୁପି ସ୍କୁଲ

**ଖଇରା, ୧୩।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଜଳଦା ପଞ୍ଚାୟତ ଅଧୀନ ସାଦିକପୁର ୟୁଜିୟୁପି ସ୍କୁଲରେ ଶିକ୍ଷକ ବଦଳିକୁ ନେଇ ଦେଖାଦେଇଥିବା ଅଚଳାବସ୍ଥା ବ୍ଲକ ଶିକ୍ଷାଧିକାରୀଙ୍କ ପ୍ରତିଶ୍ରୁତି ପରେ ସ୍ୱାଭାବିକ ହୋଇଛି। ଆସନ୍ତା ମଙ୍ଗଳବାର ଆଲୋଚନା ପାଇଁ ଶିକ୍ଷାଧିକାରୀ ଧରଣୀଧର ପାତ୍ର ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ସାହୁ, ପରିଚାଳନା କମିଟିର ସଭାପତି ବନମାଳୀ ପୃଷ୍ଟି ଓ ଉପସଭାପତିଙ୍କୁ ନିଜ କାର୍ଯ୍ୟାଳୟକୁ ଡାକିବା ପରେ ଶନିବାର ପୂର୍ବଭଳି ବିଦ୍ୟାଳୟ ଆରମ୍ଭ ହୋଇଛି। ପ୍ରକାଶ ଯେ, ଉକ୍ତ ବିଦ୍ୟାଳୟର ବିଜ୍ଞାନଶିକ୍ଷକ ହେମନ୍ତ ଦାସଙ୍କ ବଦଳି ମିରିପୁର ଖଇରା ସ୍କୁଲକୁ କରି ଦିଆଯିବା ପରେ ଗ୍ରାମବାସୀ ଗୁରୁବାର ବିଦ୍ୟାଳୟ ଫାଟକରେ ତାଲା ପକାଇ ଦେଇଥିଲେ।

## ବନ ମହୋତ୍ସବ ଉପଲକ୍ଷେ ପ୍ରବନ୍ଧ, ବକ୍ତୃତା ପ୍ରତିଯୋଗିତା

**ବାଲେଶ୍ୱର ଅଫିସ, ୧୩।୭**

ବନ ମହୋତ୍ସବ ଉପଲକ୍ଷେ ବାଲେଶ୍ୱର ଟାଉନ ହାଇସ୍କୁଲରେ ଶନିବାର ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ଇକୋ କ୍ଲବର ଗାଇଡଶିକ୍ଷକ ଅକ୍ଷୟ କୁମାର ପାତ୍ର, ଜୟନ୍ତୀ ଚାଷୀ ଏବଂ ଭାରତୀ ରାଉଳଙ୍କ ତତ୍ତ୍ୱାବଧାନରେ କନିଷ୍ଠ ଏବଂ ବରିଷ୍ଠ ବିଭାଗରେ ଅନ୍ୟୁନ ୫୦ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହାପରେ ୨୫ ପ୍ରତିଯୋଗୀ 'ସୁସ୍ଥ ଜୀବନଧାରଣ ପାଇଁ ବୃକ୍ଷର ଆବଶ୍ୟକତା ଓ ପରିବେଶ ସନ୍ତୁଳନରେ ବୃକ୍ଷର ଭୂମିକା' ଉପରେ ବକ୍ତୃତା ରଖିଥିଲେ। ଏଥିରେ ଶିକ୍ଷକ ଦାମୋଦର ପଣ୍ଡା, ନମିତା ମହାପାତ୍ର, ସବିତା ପରିଡ଼ା ବିଚାରକ ଭାବେ ଯୋଗଦେଇଥିଲେ।



ପ୍ରବନ୍ଧ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

କାର୍ଯ୍ୟକ୍ରମରେ ଏସ୍ଏମ୍‌ସି ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ, ପୁରାତନ ଛାତ୍ର ସଂସଦର ସମ୍ପାଦକ ରବୀନ୍ଦ୍ର କୁମାର ମହାନ୍ତି, ବରିଷ୍ଠ ଶିକ୍ଷୟିତ୍ରୀ ଶୋଭନା ମିଶ୍ର, ସୁଷମା ପାଣିଗ୍ରାହୀ, ରଶ୍ମିରେଖା ବେରା, ସୁମତୀ ରାଉତ, କଳ୍ପଲତା ରଥ, ଶିଖାରାଣୀ ପାତ୍ର, ସସ୍ମିତା ଗିରି ଓ ଶଶଧର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପ୍ରତିଯୋଗୀଙ୍କୁ ଆସନ୍ତା ଅଗଷ୍ଟ ୧୫ରେ ପୁରସ୍କୃତ କରାଯିବ ବୋଲି ପ୍ରଧାନଶିକ୍ଷକ ସୁଧାଂଶୁ ଶେଖର ଜେନା କହିଛନ୍ତି।

## ସଂକ୍ଷେପରେ

### କମେଣ୍ଟମରାକୁ କେନ୍ଦ୍ରକରି ଆକ୍ରମଣ: ୫ ଆହତ

**ଭଦ୍ରକ ଅଫିସ, ୧୩।୭ :** ଭଦ୍ରକ ପୁରୁଣାବଜାର ଥାନା ଅନ୍ତର୍ଗତ ସାନଶଙ୍କରପୁର ଗାଁରେ ଶୁକ୍ରବାର କମେଣ୍ଟମରାକୁ କେନ୍ଦ୍ରକରି ବିବାଦ ଦେଖାଦେଇଥିଲା। ଗୋଟିଏ ଗୋଷ୍ଠୀ ସଂଘବଦ୍ଧ ହୋଇ ନିର୍ଦ୍ଦିଷ୍ଟ ଏକ ପରିବାରର ୫ ଜଣଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏ ନେଇ ଅଭିଯୋଗ ହେବା ପରେ ପୁରୁଣାବଜାର ଥାନା ପୋଲିସ ଏକ ମାମଲା(ନଂ.୧୨୭/୧୯) ରୁଜୁ କରି ଘଟଣାର ତଦନ୍ତ କରୁଛି। ଗ୍ରାମର ସବଦ କାଦରୀ ଥାନାରେ ଅଭିଯୋଗ କରିଛନ୍ତି ଯେ, ସେହି ଗାଁର ମିର୍ଜା ରାଜା, ମିର୍ଜା କାନୋ, ମିର୍ଜା ଦିଲାଲ, କାଲିସନ ବିବିଙ୍କ ସହ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ସଂଘବଦ୍ଧ ଭାବେ ତାଙ୍କ ପରିବାର ଲୋକଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ତାଙ୍କ ଦାଦା, ମା', ଭାଇ, ଖୁଡ଼ି ଓ ସେ ନିଜେ ଆହତ ହୋଇଛନ୍ତି। ସମସ୍ତେ ଜିଲା ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି।

### ୪ ବଖରା ଜଳିଗଲା

**ତିହିଡି, ୧୩।୭ (ଡି.ଏନ.ଏ.) :** ତିହିଡ଼ି ଥାନା ମୁକୁନ୍ଦପୁର ପଞ୍ଚାୟତ ଅଧୀନ ବିଦ୍ୟାଧରପୁର ଗ୍ରାମରେ ଶନିବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ୪ ଜଣଙ୍କର ୪ ବଖରା ଘର ଜଳିଯାଇଛି। ଗ୍ରାମର ଭାଗୀରଥି ବେହେରା, ରମାକାନ୍ତ ବେହେରା, ଦୀନବନ୍ଧୁ ବେହେରା ଓ ଭଗବାନ ବେହେରାଙ୍କ ଘର ପୋଡ଼ିଯାଇଛି। ଗୋରୁ ଗୁହାଳରେ ଦିଆଯାଇଥିବା ଧୂଆଁରୁ ନିଆଁ ଉଠି ଅଗ୍ନିକାଣ୍ଡ ଘଟିଥିବା କୁହାଯାଇଛି। ତିହିଡ଼ିରୁ ଅଗ୍ନିଶମ କର୍ମଚାରୀ ଯାଇ ନିଆଁକୁ ଆୟତ୍ତ କରିଥିଲେ।

### ସମସ୍ୟା କରୁଛି ପସ୍ ମେଶିନ

**ବନ୍ତ, ୧୩।୭ (ସ୍ୱ.ପ୍ର.):** ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀ ଖାଉଟି ସାମଗ୍ରୀ ବିତରଣ କେନ୍ଦ୍ରରେ ରାଶନ କାର୍ଡ ଦେଖାଇ ସାମଗ୍ରୀ ନେବା ପାଇଁ ବ୍ୟବହାର କରାଯାଉଥିବା ପସ୍ ମେଶିନ ସମସ୍ୟା ସୃଷ୍ଟି କରୁଛି। ପ୍ରଥମେ ସିଧାସଳଖ ଭାବେ ଖାଉଟିମାନେ କାର୍ଡ ଦେଖାଇ ସାମଗ୍ରୀ ନେଉଥିଲେ। ପରେ ବାୟୋମେଟ୍ରିକ୍ ସିଷ୍ଟମରେ ପସ୍ ମେଶିନର ବ୍ୟବହାର ପାଇଁ ଡିଲରମାନଙ୍କୁ ଯୋଗାଣ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଗଲା। କାର୍ଡରେ ନାମ ଅନ୍ତର୍ଭୁକ୍ତ ଥିବା ପରିବାରର ଜଣେ ଉପଭୋକ୍ତା ମେଶିନରେ ନିଜର ଆଙ୍ଗୁଳି ଛାପ ଦେଇ କାର୍ଡ ଦେଖାଇ ସାମଗ୍ରୀ ନେବାର ନିୟମ ରହିଛି। କାର୍ଡରେ ପରିବାରର ମୁଖ୍ୟ ଭାବେ ମହିଳାଙ୍କ ନାମ ଅନ୍ତର୍ଭୁକ୍ତ ହୋଇଥିବା ବେଳେ ସାମଗ୍ରୀ ନେବା ଲାଗି ଅଧିକାଂଶ ମହିଳା ଆସି ନ ଥାନ୍ତି। ଅନ୍ୟ ସଦସ୍ୟମାନେ ସାମଗ୍ରୀ ନେବାକୁ ବିତରଣ କେନ୍ଦ୍ରକୁ ଆସୁଥିବା ବେଳେ ସେମାନଙ୍କ ଆଙ୍ଗୁଳି ଚିହ୍ନ ମିଶୁ ନ ଥିବାରୁ ସମସ୍ୟା ହେଉଥିବା କୁହାଯାଉଛି। ଅନ୍ୟପକ୍ଷେ ଗ୍ରାମାଞ୍ଚଳରେ ନେଟୱାର୍କ ଅଭାବରୁ ପସ୍ ମେଶିନ ମଧ ଠିକ୍ ଭାବେ କାମ କରୁ ନାହିଁ। ଫଳରେ ହିତାଧିକାରୀଙ୍କୁ ବହୁ ସମୟ ଅପେକ୍ଷା କରିବାକୁ ପଡୁଛି। ଏହି ଅବ୍ୟବସ୍ଥା ପାଇଁ ଦୂରଦୂରାନ୍ତରୁ ଆସୁଥିବା ହିତାଧିକାରୀ ଅସନ୍ତୋଷ ପ୍ରକାଶ କରୁଛନ୍ତି।

### ରାସ୍ତାରେ ଅଟକାଇ ଆକ୍ରମଣ

ଭଦ୍ରକ ଅଫିସ, ୧୩।୭ - ଭଦ୍ରକ ପୁରୁଣାବଜାର ରାସ୍ତାରେ ଜଣେ ଯୁବକଙ୍କୁ ଅଟକାଇ ମରଣାନ୍ତକ ଆକ୍ରମଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ୩ ଜଣଙ୍କ ନାଁରେ ମାମଲା(ନଂ.୧୨୩/୧୯) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ ପୁରୁଣାବଜାର ଥାନା ଅଧୀନ ସରଳୀପୁର ଗାଁର ହରିହର ଦଳେଇ ଘରକୁ ଫେରୁଥିବା ବେଳେ ରାସ୍ତାରେ ୩ ଯୁବକ ତାଙ୍କୁ ଅଟକାଇ ବିଭିନ୍ନ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଯୁବକଙ୍କ ଭାଉଜ ଲକ୍ଷ୍ମୀ ଦଳେଇ ଏ ନେଇ ଥାନାରେ ଏତଲା ଦାଏର କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ସନ୍ତୋଷ ରାୟ, ବିଜୟ ସିଂ ଓ ସଂଗ୍ରାମ ରାୟଙ୍କ ନାମରେ ମାମଲା ରୁଜୁ କରିଛି।

### ୪ ମଦ ବେପାରୀ ଗିରଫ

ଭଦ୍ରକ ଅଫିସ, ୧୩।୭ - ଭଦ୍ରକ ଜିଲା ଅବକାରୀ ଇନ୍ସପେକ୍ଟର ସ୍ପନ୍ଦନ କୁମାର ମହାନ୍ତିଙ୍କ ଏକ ଟିମ୍ ଶନିବାର ଓଲଙ୍ଗ ବଜାରରେ ଚଢ଼ାଉ କରି ୨୫ ଲିଟର ହାତରନ୍ଧା ଦେଶୀମଦ ଜବତ କରିଛି। ଏଥିସହ ୪ ମଦ ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ସେହି ଅଞ୍ଚଳର ମାଳି ମୁଣ୍ଡା, ଐବାନ ମୁଣ୍ଡା, ସୁଦର୍ଶନ ଖିଲାର ଓ ସାଗର ମୁଣ୍ଡା।

# କ୍ଷୀର ଢାଳି ଚାଷୀଙ୍କ ପ୍ରତିବାଦ

**ବାସୁଦେବପୁର, ୧୩।୭ (ଡି.ଏନ.ଏ.)**



ଶୀତଳୀକରଣ ଭଣ୍ଡାର ଆଗରେ ଚାଷୀମାନେ କ୍ଷୀର ଢାଳୁଛନ୍ତି।

- ଦୁଗ୍ଧ ଶୀତଳୀକରଣ ଭଣ୍ଡାରରେ ତାଲା
- ନିମ୍ନମାନର କହି ଫେରାଇ ଦେଲେ
- ମିଳୁନି ଉଚିତ ମୂଲ୍ୟ

ଭଦ୍ରକ ଜିଲା ବାସୁଦେବପୁର ମୁଖ୍ୟ ସହର ପରିସରରେ ଥିବା ବାମୁଲ ଦୁଗ୍ଧ ଶୀତଳୀକରଣ ଭଣ୍ଡାରରେ ଚାଷୀମାନେ ଶନିବାର ତାଲା ପକାଇ କ୍ଷୀର ଢାଳି ପ୍ରତିବାଦ କରିଛନ୍ତି। ପ୍ରାୟ ୧୩ ଶହରୁ ଊର୍ଦ୍ଧ୍ୱ ଲିଟର କ୍ଷୀର ଶୀତଳୀକରଣ ଭଣ୍ଡାର ସାମ୍ନାରେ ଢାଳି ଚାଷୀମାନେ ବାମୁଲ କର୍ମଚାରୀଙ୍କ ମନମୁଖି କାର୍ଯ୍ୟକୁ ବିରୋଧ କରିଥିଲେ। କ୍ଷୀର ଚାଷୀଙ୍କୁ ବାମୁଲ ଉଚିତ ମୂଲ୍ୟ ନ ଦେଇ ବିଭିନ୍ନ ସମୟରେ ଜାଣିଶୁଣି ହଇରାଣ କରିବା ସହ ବିଭିନ୍ନ ଆଳ ଦେଖାଇ ସେମାନଙ୍କ କ୍ଷୀର ଗ୍ରହଣ ନ କରି ଫେରାଇ ଦେଉଛି। ଏଥିଯୋଗୁ କ୍ଷୀର ଚାଷୀମାନେ ବ୍ୟାପକ କ୍ଷତିଗ୍ରସ୍ତ ହେଉଥିବା କିଶୋର ମଲ୍ଲିକ, ରମାକାନ୍ତ ମାହୁନ୍ତ, ମନୋଜ ପାଢୀ, ସୁରେନ୍ଦ୍ର ନାୟକ, ସନାତନ ବାରିକ, ସର୍ବେଶ୍ୱର ଅଗସ୍ତି ଓ ବଳରାମ ଦଳେଇ ପ୍ରମୁଖ ଅଭିଯୋଗ କରିଛନ୍ତି।

ଏହି ଦୁଗ୍ଧ ଶୀତଳୀକରଣ ଭଣ୍ଡାରକୁ ବାସୁଦେବପୁର ତଥା ଆଖପାଖ ଅଞ୍ଚଳର ୧୭ଟି ଦୁଗ୍ଧ ସମିତିରୁ ପ୍ରାୟ ୨୮ ଶହ ଲିଟରରୁ ଊର୍ଦ୍ଧ୍ୱ କ୍ଷୀର ପ୍ରତିଦିନ ଆସୁଛି। ଶୁକ୍ରବାର ରାତିରେ ଏହି କ୍ଷୀରର ମାନ ନିମ୍ନମାନର ଦର୍ଶାଇ ବାମୁଲ କର୍ମଚାରୀମାନେ ଫେରାଇ ଦେବାରୁ ଚାଷୀମାନେ ଶନିବାର ସକାଳୁ ଏଭଳି ପଦକ୍ଷେପ ନେଇଥିଲେ। ଜାଣିଶୁଣି ବାମୁଲ ଶତାଧିକ ଚାଷୀଙ୍କ କ୍ଷୀର ଫେରାଉଛି ବୋଲି ଅଭିଯୋଗ ହୋଇଥିଲା। ଶୀତଳୀକରଣ ଭଣ୍ଡାରରେ ତାଲା ପଡ଼ିବା ପରେ ୧୭ଟି ସୋସାଇଟିରେ କ୍ଷୀର ଗ୍ରହଣ ବନ୍ଦ କରି ଚାଷୀ ଓ ସୋସାଇଟି କର୍ମକର୍ତ୍ତା ଧାରଣାରେ ବସିରହି ପ୍ରତିବାଦ ଜଣାଇଥିଲେ। ଅପରାହ୍ନରେ ବାମୁଲର ସାଧାରଣ ପରିଚାଳିକା ରଶ୍ମିରେଖା ବିଦ୍ଧାଣୀ ଓ ବାଲେଶ୍ୱର ପ୍ଲାଣ୍ଟ ମ୍ୟାନେଜର ବିଶ୍ୱରଞ୍ଜନ ତ୍ରିପାଠୀ ପ୍ରମୁଖ ପହଞ୍ଚି ଆନ୍ଦୋଳନରତ କ୍ଷୀର ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଏହି ଦୁଗ୍ଧ ଶୀତଳୀକରଣ ଭଣ୍ଡାରରେ କ୍ଷୀରର ମାନ ନିର୍ଦ୍ଧାରଣ ପାଇଁ ଏକ ସ୍ୱତନ୍ତ୍ର ମେଶିନ ବସାଯିବାକୁ ନିଷ୍ପତ୍ତି ହୋଇଛି। ପରେ ଚାଷୀମାନେ ଧାରଣାରୁ ଉଠିଥିଲେ।

## ସାପ୍ତାହିକ କାର୍ଯ୍ୟକ୍ରମ

**୧୪।୭।୧୯**

**ଚାନ୍ଦବାଲି**
- ନିଖିଳ ଉତ୍କଳ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ଚାନ୍ଦବାଲି ବ୍ଲକ ଶାଖାର ବାର୍ଷିକ ଉତ୍ସବ ଓ ପ୍ରତିଭା ସମ୍ମାନ ସମାରୋହ, ସ୍ଥାନ: ମତୋ ଫିଡର ପ୍ରାଥମିକ ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।

**ତିହିଡ଼ି**
- ପୁସ୍ତକ 'ଭକ୍ତିକୁସୁମ' ଉନ୍ମୋଚନ ଉତ୍ସବ, ସ୍ଥାନ: ସୟା, ସମୟ: ପୂର୍ବାହ୍ନ ୧୦ଟା।

**ବାସୁଦେବପୁର**
- କାବ୍ୟଶିଳ୍ପ 'ପ୍ରୀତିସୁଧାର' ଲୋକାର୍ପଣ ସମାରୋହ, ସ୍ଥାନ: ରାଣୀକୈଳାସ ଶିଖର କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୪ଟା।

**ବାଲେଶ୍ୱର**
- ନିଃଶୁଳ୍କ ବହୁମୁଖୀ ମେଗା ସ୍ୱାସ୍ଥ୍ୟଶିବିର, ସ୍ଥାନ: ରଶ୍ମି କମ୍ୟୁନିକେଶନ, ସେଣ୍ଟ୍ରାଲ ସ୍କୁଲ ଛକ, ସମୟ: ପୂର୍ବାହ୍ନ ୮ରୁ ଅପରାହ୍ନ ୪ଟା
- କବିତା ପାଠୋତ୍ସବ ଓ ସାରସ୍ୱତ ସମାରୋହ, ସ୍ଥାନ: ଆତିଥ୍ୟ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦ମିନିଟ୍।

**୧୫।୭।୧୯**

**ଭଦ୍ରକ**
- ମିଳିତ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲା ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।

**୧୬।୭।୧୯**
- ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟ ଅଗ୍ରଗତିର ସମୀକ୍ଷା, ସ୍ଥାନ: ଡିଆର୍‌ଡିଏ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

**ଖଇରା**
- ଜନ୍ମ ନିୟନ୍ତ୍ରଣ ଅସ୍ତ୍ରୋପଚାର ଶିବିର, ସ୍ଥାନ: ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ସମୟ: ସକାଳ ୧୧ଟା।

**୧୭।୭।୧୯**

**ଭଦ୍ରକ**
- ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସମୀକ୍ଷା, ସ୍ଥାନ: ତିହିଡ଼ି ବ୍ଲକ ଅଫିସ ପରିସର, ସମୟ: ପୂର୍ବାହ୍ନ ୧୦ଟା।

**୧୮।୭।୧୯**

**ଧାମନଗର**
- ମହାସମାଧାନ ଶିବିର, ସ୍ଥାନ: ଅସୁରାଳି ପଞ୍ଚାୟତ ଅଫିସ ପରିସର, ସମୟ: ସକାଳ ୯ଟା ୩୦।

**୧୯।୭।୧୯**

**ବନ୍ତ**
- ଶ୍ରାଦ୍ଧବାର୍ଷିକୀ ଉତ୍ସବରେ ନିଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର, ସ୍ଥାନ: ସାନବର୍ଦ୍ଧିକୟା, ସମୟ: ସକାଳ ୯ଟା।

### ■ ରାଷ୍ଟ୍ରୀୟ ଲୋକ ଅଦାଲତ

# ୨୭୨ ମକଦ୍ଦମା ଫଇସଲା



ଲୋକ ଅଦାଲତରେ ଉପସ୍ଥିତ ବିଚାରପତି ଓ ଅନ୍ୟମାନେ।

**ଭଦ୍ରକ ଅଫିସ, ୧୩।୭**

ଭଦ୍ରକ ଜିଲା ସିଭିଲ୍ କୋର୍ଟ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଦୌରାଜଜ୍ ତଥା ଆଇନସେବା ପ୍ରାଧିକରଣ ଅଧକ୍ଷ ଶୋଭନ କୁମାର ଦାଶ, ପରିବାର ଅଦାଲତର ନ୍ୟାୟାଧିଶ ସଞ୍ଜୀବ ଦୁବେ, ଅତିରିକ୍ତ ଜିଲା ଜଜ୍ ପ୍ରଣତି ସାହା, ସିଜେଏମ୍(ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍) ଅମିୟ ରଞ୍ଜନ ଜେନା, ସବ୍ ଜଜ୍(ବରିଷ୍ଠ ଦେୱାନୀ ଅଧିକାରୀ) ଶୁଭଞ୍ଜନ ମହାନ୍ତି, ଅତିରିକ୍ତ ବରିଷ୍ଠ ଦେୱାନୀ ଅଧିକାରୀ ଲୋପାମୁଦ୍ରା ମଲ୍ଲ, ଆଇନସେବା ପ୍ରାଧିକରଣ ସଚିବ ଅପର୍ଣ୍ଣା ମହାପାତ୍ର, ଏସ୍‌ଡିଜେଏମ୍ ଶୁଭଗୌତମ ମିଶ୍ର, କନିଷ୍ଠ ଦେୱାନୀ ବିଚାରପତି ପ୍ରିୟରଞ୍ଜନ ଓଝା, ଜେଏମ୍‌ଏଫ୍‌ସି ବିବେକ ସାସମଲ, କୋର୍ଟ ମ୍ୟାନେଜର ମାନସ କୁମାର ରଥ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ମୋଟ ୨୭୨ଟି ମକଦ୍ଦମାର ଫଇସଲା କରାଯାଇଛି। ୨୧୩ଟି ଦେୱାନୀ ମକଦ୍ଦମା ଓ ୫୯ଟି ଫୌଜଦାରି ମକଦ୍ଦମା ଫଇସଲା କରାଯାଇ ସମୁଦାୟ ୧,୪୨,୮୭,୦୪୧ ଟଙ୍କା କ୍ଷତିପୂରଣ ଜରିମାନା ରାଶି ଆଦାୟ କରାଯାଇଥିଲା। ଏହି ଲୋକ ଅଦାଲତରେ ପ୍ରାୟ ୫୫ରୁ ୬୦ଟି ବିଭିନ୍ନ ବ୍ୟାଙ୍କର ଶାଖା ମଧ ଅଂଶଗ୍ରହଣ କରି ମୋଟ ୧୫୭ ପ୍ରାକ୍ ମକଦ୍ଦମା ବ୍ୟାଙ୍କ ଋଣ ସମାଧାନ କରି ୨୮,୨୭,୫୫୪ ଟଙ୍କା ଆଦାୟ କରାଯାଇଥିଲା। ଭଦ୍ରକ ବାର୍ ଆସୋସିଏଶନର ସଦସ୍ୟ, ପ୍ୟାନେଲ ଓକିଲ, ପିଏଲ୍‌ଭି ଓ ୫ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଉପସ୍ଥିତ ଥିଲେ। ଶେଷରେ ୧୫ ଜଣଙ୍କୁ ଲେବର କାର୍ଡ ପ୍ରଦାନ କରାଯାଇଥିଲା।

## 'ସ୍ମୃତିରେ ଯଦୁନାଥ' ଉନ୍ମୋଚିତ

**ତିହିଡ଼ି, ୧୩।୭ (ଡି.ଏନ.ଏ.)**

ତିହିଡ଼ି ଥାନା ଅଧୀନ ଭାଟପଡ଼ା ମିର୍ଜାପୁର ଗ୍ରାମର ପୂର୍ବତନ ନାଏବ ସରପଞ୍ଚ ସ୍ୱର୍ଗତ ଯଦୁନାଥ ବେହେରାଙ୍କ ଏକାଦଶାହ ଉପଲକ୍ଷେ ସ୍ମୃତିଚାରଣ ସଭା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରରେ ସାହିତ୍ୟ ସଙ୍ଗଠନ ସଖା ପକ୍ଷରୁ ପ୍ରକାଶିତ 'ସ୍ମୃତିରେ ଯଦୁନାଥ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସାମାଜିକ କର୍ମୀ ସଚ୍ଚିକାନ୍ତ ନାୟକ ପୌରୋହିତ୍ୟ କରିଥିଲେ। ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନ ସଭାପତି ଅଜୟ ନାୟକ ମୁଖ୍ୟଅତିଥି, ସ୍ତମ୍ଭକାର ଅଧ୍ୟାପକ ବିଶ୍ୱରଞ୍ଜନ ଦାସ ମୁଖ୍ୟବକ୍ତା ଏବଂ କବି ସଞ୍ଜିତ ବଳ, ସଖା ସଭାପତି କବି ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ, ସାହିତ୍ୟିକ ଅମରେଶ ବିଶ୍ୱାଳ ଓ ବିଭୂତି ଭୂଷଣ ସେନାପତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ ନାଏବ ସରପଞ୍ଚ ଯଦୁନାଥ ଜଣେ ପରୋପକାରୀ ଏବଂ ସାମାଜିକ କର୍ମୀ ଭାବେ ସୁପରିଚିତ ଥିଲେ ବୋଲି ଅତିଥିମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଥାକାର ଡ. ସତ୍ୟପ୍ରିୟ ମହାଳିକ, ବିଜେଡି ବ୍ଲକ ସଭାପତି ରଘୁନାଥ ପଣ୍ଡା, ଶିକ୍ଷାବିତ୍ ସୋମନାଥ ପାଢ଼ୀ, ପୂର୍ବତନ ବ୍ଲକ ଅଧକ୍ଷ ଶୁକଦେବ ମଲିକ, ରାମନାରାୟଣ ନାୟକ, ବାପୁଜୀ ନାୟକ, ମନୋଜ ପାଣିଗ୍ରାହୀ, ନୀଳମାଧବ ସେନାପତି, ନିର୍ମଳ ଦଳାଇ, ବସନ୍ତ ଦାସ, ରଘୁନାଥ ପାତ୍ର ଓ ରଞ୍ଜୁଲତା ଗାହାଣ ପ୍ରମୁଖ ସ୍ମୃତିଚାରଣ କରିଥିଲେ।

## ଜନ୍ମଦିନରେ ଗଛ ଲଗାଇବାକୁ ଆହ୍ୱାନ



ଗେଲପୁରସ୍ଥିତ ବାପୁଜୀ ନୋଡାଲ ସ୍କୁଲ ପରିସରରେ ବୃକ୍ଷରୋପଣ କରାଯାଉଛି।

**ଭଦ୍ରକ ଅଫିସ, ୧୩।୭**

ରୋଟାରୀ କ୍ଲବ ମିଡ୍‌ଟାଉନ ଭଦ୍ରକ ଓ ଟ୍ରି ଫ୍ୟାମିଲିର ମିଳିତ ସହଯୋଗରେ ଶନିବାର ସଦର ବ୍ଲକ ଅନ୍ତର୍ଗତ ଗେଲପୁରସ୍ଥିତ ବାପୁଜୀ ନୋଡାଲ ସ୍କୁଲ ପରିସରରେ ବୃକ୍ଷରୋପଣ କରାଯାଇଛି। ରୋଟାରୀ କ୍ଲବର ସଭାପତି ରୋଟାରିଆନ ଅତିସ୍ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର ଯୋଗଦେଇ ବୃକ୍ଷରୋପଣ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲାପାଳ ମିଶ୍ର ପ୍ରତ୍ୟେକ ବ୍ୟକ୍ତି ବର୍ଷକୁ ଥରେ କିଛି ନ ହେଲେ ନିଜ ଜନ୍ମଦିନରେ ଗୋଟିଏ ଗୋଟିଏ ଗଛ ଲଗାଇବାକୁ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, ରୋଟାରୀ କ୍ଲବ ସଦସ୍ୟ, ଟ୍ରି ଫ୍ୟାମିଲି ସଦସ୍ୟ, ସ୍ଥାନୀୟ ଜନପ୍ରତିନିଧି, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ବିଭିନ୍ନ ପ୍ରକାରର ଚାରା ଲଗାଇଥିଲେ। ଟ୍ରି ଫ୍ୟାମିଲି ସଦସ୍ୟ ସୁରେନ୍ଦ୍ର କର, ସୁର ଦାସ, ପ୍ରଧାନ ଶିକ୍ଷକ ତପନ ନାୟକ, ରୋଟାରିଆନ ଇନ୍ଦ୍ରଜିତ୍ ସିଂ, ଶିଶିର ମିଶ୍ର, ରତନ ଗୁପ୍ତା, ପ୍ରମୋଦ ଲାଖାନୀ, ଅଶୋକ ଲାଖାନୀ, ଅମିତ ମଲ୍ଲିକ, ସନାତନ ଜେନା, ରାଜେଶ ବଳଦେୱା, ପବିତ୍ର ଖିଲାର, ଚୈତାଳୀ ଖିଲାର, ଅରୁଣ ପାତ୍ର, ଶିକ୍ଷକ ସ୍ନେହାଶିଷ କର, ସରପଞ୍ଚ ସୁବ୍ରତ ରାଉତ, ସ୍ୱେଚ୍ଛାସେବୀ ସଙ୍ଗଠନ ଯୁଡି ଗ୍ରୁପ୍‌ର ଅତୁଲ ନାୟକ, ଉଜ୍ଜ୍ୱଳ ନାୟକ ଓ ପ୍ରଦୀପ୍ତ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ରୋଟାରୀ କ୍ଲବ ଏଭଳି ଆଉ ୨୫ ବିଦ୍ୟାଳୟରେ ବୃକ୍ଷରୋପଣ କରିବ ବୋଲି ସଭାପତି ବେହେରା ସୂଚନା ଦେଇଥିଲେ।

## ବୃକ୍ଷ ରୋପଣ ଲାଗି ଶପଥ ନେଲେ ଯୁବଗୋଷ୍ଠୀ

**ଚାନ୍ଦବାଲି, ୧୩।୭ (ଡି.ଏନ.ଏ.)**

ଚାନ୍ଦବାଲି ବ୍ଲକ ଯଶିପୁର ଗ୍ରାମର ୟୁଥ୍ କ୍ଲବ ପକ୍ଷରୁ ଶନିବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ବନ ବିଭାଗ ପକ୍ଷରୁ ପ୍ରଦତ୍ତ ବିଭିନ୍ନ କିସମର ଚାରାକୁ କ୍ଲବ ସଦସ୍ୟମାନେ ଗ୍ରାମବାସୀଙ୍କ ମଧ୍ୟରେ ବାଣ୍ଟି ବୃକ୍ଷରୋପଣ ପାଇଁ ସଚେତନ କରାଇଥିଲେ। ଏହି ଅବସରରେ ଗାଁର ବିଭିନ୍ନ ସ୍ଥାନରେ ୧ ହଜାରରୁ ଊର୍ଦ୍ଧ୍ୱ ବୃକ୍ଷରୋପଣ କରିବେ ବୋଲି ଯୁବଗୋଷ୍ଠୀ ଶପଥ ନେଇଥିଲେ। ନିଜ ଗ୍ରାମକୁ ସବୁଜ ବଳୟ କରିବା ପାଇଁ ସଂକଳ୍ପ ମଧ ନିଆଯାଇଥିଲା। କ୍ଲବ ପକ୍ଷରୁ ରାକେଶ ଚନ୍ଦ୍ର ପଣ୍ଡା, କାର୍ତ୍ତିକ ବାରିକ, ରାଜେଶ ମହାନ୍ତି, ଆର୍ତ୍ତ ବାରିକ, ମଳୟ ରଞ୍ଜନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

### ବିଦ୍ୟାଳୟର ପ୍ରତିଷ୍ଠା ଦିବସ

# 'କର୍ତ୍ତବ୍ୟପରାୟଣ ହୁଅ'

**ବନ୍ତ, ୧୩।୭(ଡି.ଏନ.ଏ.)**

କର୍ତ୍ତବ୍ୟପରାୟଣ ହେଲେ ଜୀବନରେ ବଡ଼ ମଣିଷ ହୋଇପାରିବ ବୋଲି ବନ୍ତ ବ୍ଲକ ପଧାନପଡ଼ାସ୍ଥିତ ପଞ୍ଚାୟତ ହାଇସ୍କୁଲର ୧୬ତମ ପ୍ରତିଷ୍ଠା ଦିବସରେ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷକ ସେକ୍ ୟାକତ୍ ଅଲ୍ଲୀ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ରାଷ୍ଟ୍ରପତି ପୁରସ୍କୃତ ଶିକ୍ଷକ ଭାସ୍କର ଚନ୍ଦ୍ର ପାଢ଼ୀ ମୁଖ୍ୟଅତିଥି ଓ ବାରିକପୁର ଡିଗ୍ରୀ ମହାବିଦ୍ୟାଳୟର ଅଧାପକ ଡ. ସିଦ୍ଧେଶ୍ୱର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଭଦ୍ରକସ୍ଥିତ କଳ୍ପନାଦେବୀ ଆବାସିକ ଯୁକ୍ତ ୨ ବିଜ୍ଞାନ ମହାବିଦ୍ୟାଳୟର ନିର୍ଦ୍ଦେଶକ ଡ. ମହେଶ ଚନ୍ଦ୍ର ରାୟ, ଶାଳବଣି ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ନରହରି ଜେନା, ବିଦ୍ୟାଳୟର ପ୍ରତିଷ୍ଠାତା ସେକ୍ ଜଲାଲଉଦ୍ଦୀନ, ପରିଚାଳନା ପରିଷଦ ସଭ୍ୟ ପଦ୍ମନାଭ ଦାସ, ପୁରୁଷୋତ୍ତମ ସେଠୀ ନୋଡାଲ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଉର୍ମିଳା ଜେନା, ସମାଜସେବୀ ମହେଶ୍ୱର ମାଝି ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ଶୁଭେନ୍ଦୁ ଶେଖର ମହାନ୍ତି ଅତିଥି ପରିଚୟ ପ୍ରଦାନ ଓ ହେମନ୍ତ କୁମାର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଜାହାରୁଦ୍ଦିନ ସାହାଜୀ, ଅରୁଣ କୁମାର ବାରିକ, ରମାକାନ୍ତ ଜେନା, ପ୍ରଫୁଲ୍ଲ ଜେନା, ଜଗନ୍ନାଥ ଦ୍ୱିବେଦୀ, ସେକ୍ ସାବିର, ସେକ୍ ରିହାଜ୍ ଅଲ୍ଲୀ, ସୁନୀଲ କୁମାର ସାହୁ, କର୍ମଚାରୀ ଶରତ ସାହୁ, ବୁଦ୍ଧିରାମ ସାହୁ, ନେଜାମୁଦ୍ଦିନ ଖାଁ ପ୍ରମୁଖ ସହାୟତା କରିଥିଲେ। ଏହି ଅବସରରେ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯିବା ସହ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା।

# ଅସୁରକ୍ଷିତ ଗୃହରେ ସ୍ୱାସ୍ଥ୍ୟସେବା

**ବାସୁଦେବପୁର, ୧୩।୭(ଡି.ଏନ.ଏ.)**



କିଷ୍ମତକୃଷ୍ଣପୁର ଉପ ସ୍ୱାସ୍ଥ୍ୟକେନ୍ଦ୍ର।

- ୪ ସ୍ଥାନରେ ଉପ ସ୍ୱାସ୍ଥ୍ୟକେନ୍ଦ୍ରର ନିଜସ୍ୱ ଗୃହ ନାହିଁ
- ହେଉନି ଭିତ୍ତିଭୂମି ବିକାଶ, ବଢ଼ୁଛି ଅସନ୍ତୋଷ

ଗ୍ରାମାଞ୍ଚଳରେ ଲୋକଙ୍କୁ ମୌଳିକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲକ୍ଷ୍ୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଉପ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କରାଯାଇଛି। କିନ୍ତୁ ଭିତ୍ତିଭୂମିର ଅଭାବ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାରେ ଅନ୍ତରାୟ ସାଜୁଛି। ଭଦ୍ରକ ଜିଲା ବାସୁଦେବପୁର ବ୍ଲକରେ ଥିବା ବିଭିନ୍ନ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଭଳି ସମସ୍ୟା ଲାଗିରହିଛି। ଫଳରେ ରୋଗୀମାନେ ଉପଯୁକ୍ତ ସେବା ପାଇପାରୁ ନାହାନ୍ତି। କେତେକ ସ୍ଥାନରେ ବିପଦସଙ୍କୁଳ ଅସୁରକ୍ଷିତ ଗୃହରେ ରୋଗୀଙ୍କ ସେବା ଚାଲିଛି। ଏହାକୁ ନେଇ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି।

ଏହି ବ୍ଲକର ମୁଖ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ରହିଛି ୩୨ଟି ଉପ ସ୍ୱାସ୍ଥ୍ୟକେନ୍ଦ୍ର। ସେଥିମଧ୍ୟରୁ ବାସୁଦେବପୁର ସଦର, କଣ୍ଟିଆନାଳୀ, ଚାନ୍ଦିମାଳ, ଲକ୍ଷ୍ମୀଦାସପୁରରେ ସ୍ୱାସ୍ଥ୍ୟକେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ଏସବୁ ସ୍ଥାନରେ ବାସୁଦେବପୁର ମୁଖ୍ୟ ସେଣ୍ଟରକୁ ବାଦ୍ ଦେଲେ ଅନ୍ୟ ୩ଟି ସେଣ୍ଟର ଭଡ଼ାଘରେ ଚାଲିଛି। ଭିତ୍ତିଭୂମି ଅଭାବ ଯୋଗୁ ଏହି ୩ଟି କେନ୍ଦ୍ର ଉପରେ ନିର୍ଭର କରୁଥିବା ଲୋକେ ପ୍ରାଥମିକ ସେବା ପାଇପାରୁନାହାନ୍ତି। ବାସୁଦେବପୁର ସଦର କେନ୍ଦ୍ରରେ ମଧ ନିଜସ୍ୱ ଗୃହ ନାହିଁ। ବାସୁଦେବପୁର ଡାକ୍ତରଖାନାରେ ଅସ୍ଥାୟୀ ଭାବେ ଚାଲୁଛି। ଏହାଛଡ଼ା ଚୂଡ଼ାମଣି, ବିନାୟକପୁର, କିଷ୍ମତକୃଷ୍ଣପୁର ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଗୃହର ଛାତ ଓ କାନ୍ଥରେ ଫାଟ ସୃଷ୍ଟି ହୋଇଛି। ବର୍ଷା ହେଲେ ଏଥିରୁ ପାଣି ଗଳୁଛି। ଏଭଳି ସ୍ଥିତିରେ ବିପଦସଙ୍କୁଳ ଅବସ୍ଥାରେ ରୋଗୀମାନେ ଚିକିତ୍ସିତ ହେଉଛନ୍ତି। ଚୂଡ଼ାମଣି, ରାଜଘରପୋଖରୀରେ ଏଏନ୍‌ଏମ୍ ପଦବୀ ଖାଲିପଡ଼ିଥିବା ବେଳେ ଅନ୍ୟ ୭ଟି କେନ୍ଦ୍ରରେ ଏଏନ୍‌ଏମ୍ ପଦବୀ ସୃଷ୍ଟି କରାଯାଇ ନ ଥିବାରୁ ସ୍ୱାସ୍ଥ୍ୟସେବାରେ ସମସ୍ୟା ଦେଖାଦେଉଛି। ସେହିପରି ବିଦେଇପୁର ଉପକେନ୍ଦ୍ରରେ ପୁରୁଷ ସ୍ୱାସ୍ଥ୍ୟକର୍ମୀ ପଦବୀ ମଧ ଖାଲିପଡ଼ିଛି। ଅନ୍ୟପକ୍ଷେ ୧୮ ସ୍ୱାସ୍ଥ୍ୟକେନ୍ଦ୍ରରେ ନଳକୂପ ନ ଥିବାବେଳେ ୧୦ରୁ ଊର୍ଦ୍ଧ୍ୱ କେନ୍ଦ୍ରରେ ବିଜୁଳି ସଂଯୋଗ ହୋଇନି। ବିଦ୍ୟୁତ୍ ନ ଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରିବାରେ କର୍ମଚାରୀ ହଇରାଣ ହେଉଛନ୍ତି। ଅନ୍ୟ ୧୫ରୁ ଊର୍ଦ୍ଧ୍ୱ କେନ୍ଦ୍ର ଏବେ ମରାମତି ଆବଶ୍ୟକ କରୁଥିବା ବେଳେ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ଏହି ବାବଦରେ ବିପିଏମ୍ ପ୍ରମୋଦ ଭୂୟାଁଙ୍କୁ ପଚାରିବାରୁ କେନ୍ଦ୍ରର ଅଭାବ ଅସୁବିଧା ସମ୍ପର୍କରେ ଉପରିସ୍ଥ ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଯାଉଛି। ୪ଟି ନୂତନ ଉପଗୃହ କେନ୍ଦ୍ର ନିର୍ମାଣ ପାଇଁ ପ୍ରସ୍ତାବ ବିଭାଗକୁ ପଠାଯାଇଥିବା ସହିତ ୫ କେନ୍ଦ୍ରର ତୁରନ୍ତ ମରାମତି ପାଇଁ ଅବଗତ କରାଯାଇଛି ବୋଲି କହିଛନ୍ତି।

## ସଂକ୍ଷେପରେ

### କୋଷ୍ଠା ବଡ଼ଦାଣ୍ଡ ଜନସମୁଦ୍ର ପାଲଟିଲା

**କୋଷ୍ଠା,୧୩।୭(ଡି.ଏନ. ଏ.)-** ମୟୂରଭଞ୍ଜ ଜିଲା କୋଷ୍ଠାରେ ବାହୁଡା ରଥଯାତ୍ରା ଉତ୍ସାହ ଉଦ୍ଦୀପନାର ସହିତ ଅନୁଷ୍ଠିତ ହୋଇ ଯାଇଛି। ବହୁ ଭକ୍ତଙ୍କ ସମାବେଶରେ ବଡଦାଣ୍ଡ ଜନସମୁଦ୍ର ପାଲଟି ଥିଲା। ଏଥର ପୂଜକ ସନ୍ତୋଷ ପାଣିଗ୍ରାହୀ, ଅନ୍ତର୍ଯ୍ୟାମୀ ପାଣିଗ୍ରାହୀ, ସଞ୍ଜୀବ ପାଣିଗ୍ରାହୀ, ସପନ କୁମାର ଦାସ, ଭୁବନ ପାଣିଗ୍ରାହୀ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ସମାପନ କରିଥିଲେ। ଟ୍ରଷ୍ଟବୋର୍ଡ ସଦସ୍ୟ ସୁଧାଂଶୁ କୁମାର ଦତ୍ତ ତିନି ରଥରେ ଛେରା ପହଁରା କରିଥିଲେ। ବାରିପଦା ରଥ ଡାଞ୍ଚାରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥକୁ ଶ୍ରଦ୍ଧାଳୁମାନେ ପ୍ରଥମେ ଟାଣି ଶ୍ରୀମନ୍ଦିର ସମ୍ମୁଖରେ ପହଞ୍ଚାଇ ଥିଲେ। ଶୁକ୍ରବାର ରଥ ଟଣା ସମୟରେ ବର୍ଷା ହେବାରୁ ଏଥିରେ ବିଳମ୍ବ ଘଟିଥିଲା। ପରେ ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିଥିଲେ। ରଥ ଅଳ୍ପବାଟ ଆସି ଅଟକି ରହିଥିଲା। ପାଗ ଅନୁକୂଳ ଥିବାରୁ ଶନିବାର ସୁଭଦ୍ରାଙ୍କ ରଥ ଓ ମହାପ୍ରଭୁ ଭଲଭଦ୍ରଙ୍କ ରଥ ଶ୍ରୀମନ୍ଦିରରେ ପହଞ୍ଚିଥିଲା। ମନ୍ଦିର ଟ୍ରଷ୍ଟ ବୋର୍ଡର ଟ୍ରଷ୍ଟି ହରିଶ ଚନ୍ଦ୍ର ଦତ୍ତ, ସଦସ୍ୟ ଗୁଣାଧର ଦତ୍ତ, ଧାନେନ୍ଦ୍ର ନାଥ ପାଣି ଓ ଅନ୍ୟ ମାନେ ପରିଚାଳନା କାର୍ଯ୍ୟରେ ସହଯୋଗ କରିଥିଲେ।

### ଭୋଗଲଡୁ ଫିଙ୍ଗା ଆକର୍ଷଣ ସାଜିଲା

**ଖୁଣ୍ଟା,୧୩ ।୭( ଡି.ଏନ.ଏ.)-**ସ୍ଥାନୀୟ ଖୁଣ୍ଟାରେ ତିନି ଠାକୁରଙ୍କ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଖୁଣ୍ଟା ଉଚ୍ଚ ବିଦ୍ୟାଳୟ ସମ୍ମୁଖ ମାଉସୀ ମା' ମନ୍ଦିରରେ ଶୁକ୍ରବାର ଅପରାହ୍ନରେ ତିନି ଠାକୁର ପହଣ୍ଡିରେ ଆସି ରଥାରୂଢ଼ ହୋଇଥିଲେ। ଶନିବାର ଅପରାହ୍ନରେ ଶ୍ରଦ୍ଧାଳୁମାନେ ମାଉସୀ ମା' ମନ୍ଦିରଠାରୁ ଖୁଣ୍ଟା ବଜାର ମଧ ଦେଇ ବଡ଼ଖୁଣ୍ଟା ଶ୍ରୀ ମନ୍ଦିର ପର୍ଯ୍ୟନ୍ତ ରଥକୁ ଟାଣି ଆଣିଥିଲେ । ବ୍ୟକ୍ତି ବିଶେଷ ଓ କମିଟି ପକ୍ଷରୁ ରଥ ଉପରୁ ଶ୍ରଦ୍ଧାଳୁଙ୍କ ଉଦ୍ଦେଶ୍ୟରେ ଭୋଗଲଡୁ ଫିଙ୍ଗା ଯାଇଥିଲା, ଯାହାକି ଆକର୍ଷଣ ସାଜିଥିଲା। ରଥ ଯାତ୍ରା କମିଟିର ସଭାପତି ଗଦାଧର କମିଲା ଓ ସଦସ୍ୟମାନେ ରଥଯାତ୍ରା କୁ ପରିଚାଳନା କରିଥିଲେ । ଭଦ୍ରକର ବିଶିଷ୍ଟ ପ୍ରବଚକ ସୂର୍ଯ୍ୟ ନାରାୟଣ ଦାଶ ରଥଯାତ୍ରା ସମ୍ପର୍କିତ ଧାରା ବିବରଣୀ ପ୍ରଦାନ କରିଥିଲେ ।

### ଶ୍ରୀମନ୍ଦିରକୁ ବାହୁଡ଼ିଲେ ମହାପ୍ରଭୁ

**କୁଆମରା,୧୩।୭(ଡି.ଏନ.ଏ.)-** ଗୋପବନ୍ଧୁ ନଗର ବ୍ଲକର ବିଭିନ୍ନ ସ୍ଥାନରେ ବାହୁଡା ଯାତ୍ରା ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଖିରିପଦା, ପୁରୁଣା ବାରିପଦା, ଜୟପୁର, ହାତୀକୋଟ, କୁଶଳଦା, ସାନବେଲାକୁଟି, ଦାନ୍ଦୁସାହି, ଅଛଡା ପ୍ରଭୃତି ସ୍ଥାନରେ ରଥ ଟଣାଯାଇଥିଲା। ଶନିବାର ଅପରାହ୍ନରେ କୁଆମରା, ସାଇଁକୁଳା, କଡଦା, ସିମିଳାବନ୍ଧ, ଗୋହିରାଡ଼ିଆଠାରେ ଭକ୍ତମାନେ ରଥ ଟାଣିଥିଲେ। ଏହି ଅବସରରେ ପରିଛିପୁର ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସରିତା ସିଂ ବାଲୁକାରେ ନିର୍ମାଣ କରିଥିବା ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ଆକର୍ଷଣ ସାଜିଥିଲା।

### ସନ୍ଧ୍ୟା ଆଳତି ଦର୍ଶନ ଲାଗି ଭିଡ଼

**ରାଇରଙ୍ଗପୁର,୧୩।୭(ଡି.ଏନ.ଏ.)-** ରାଇରଙ୍ଗପୁରରେ ଚତୁର୍ଦ୍ଧା ବିଗ୍ରହଙ୍କ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇ ଯାଇଛି। ଶୁକ୍ରବାର ପ୍ରଭୁ ସୁଦର୍ଶନ, ମହାପ୍ରଭୁ ଶ୍ରୀଜଗନ୍ନାଥ, ଦେବୀ ସୁଭଦ୍ରା ଏବଂ ବଡଠାକୁର ବଳଭଦ୍ରଙ୍କ ବାହୁଡା ରଥ ଅଧାବାଟରେ ଅଟକି ରହିଥିଲା। ଚତୁର୍ଦ୍ଧା ବିଗ୍ରହ ରଥରେ ରାତ୍ରି ଯାପନ କରିଥିଲେ। ଶନିବାର ରଥକୁ ଭକ୍ତମାନେ ମନ୍ଦିର ନିକଟକୁ ଟାଣି ଆଣିଥିଲେ। ରଥରେ ସାନ୍ଧ୍ୟ ଆଳତୀ ଦର୍ଶନ ଲାଗି ଭିଡ ଜମିଥିଲା।

### କପ୍ତିପଦାରେ ବାହୁଡା ଯାତ୍ରା

**ଉଦଳା,୧୩।୭ (ଡି.ଏନ.ଏ.)-**ମୟୂରଭଞ୍ଜ ଜିଲା କପ୍ତିପଦା ଉପଖଣ୍ଡର ସଦରମହକୁମା ଉଦଳା ଠାରେ ଶାନ୍ତିଶୃଙ୍ଖଳାର ସହ ବାହଡା ରଥଯାତ୍ରା ଅନୁଷ୍ଠିତ ହୋଇଛି। ବାହୁଡା ଯାତ୍ରାର ପ୍ରଥମ ଦିନରେ ପରମ୍ପରା ଅନୁଯାୟୀ ମହିଳା ଶ୍ରଦ୍ଧାଳୁମାନେ ରଥ ଟାଣିଥିଲେ । ହାଇସ୍କୁଲ ଛକ ନିକଟରେ ରଥ ଅଟକି ରହିଥିଲା। ଶନିବାର ଦ୍ୱିତୀୟ ଦିନରେ ପୁରୁଷ ଶ୍ରଦ୍ଧାଳୁମାନେ ରଥଟାଣି ଶ୍ରୀମନ୍ଦିର ରଥଖଳାରେ ପହଞ୍ଚାଇଥିଲେ। ଉଦଳା ବିଧାୟକ ଭାସ୍କର ମଢେଇ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ସହକାରୀ ଜିଲାପାଳ ଗୌରହରି ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଉଦଳା ବ୍ଲକ ଅଧୀନ ଡିହିରାକୁଳ ଗ୍ରାମରେ ବାହୁଡା ଯାତ୍ରା ସମ୍ପନ୍ନ ହୋଇଛି। ସ୍ଥାନୀୟ ଗ୍ରାମ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ରଥାରୂଢ଼ ଦେବଙ୍କୁ ସନ୍ଧ୍ୟାରେ ସୁନାବେଶ କରାଯାଇଥିଲା।

# ବାରିପଦା ବାହୁଡ଼ା ଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ

- ଶ୍ରୀମନ୍ଦିର ସମ୍ମୁଖରେ ପହଞ୍ଚିଲେ ଜଗନ୍ନାଥ
- ଅଧାବାଟରେ ସୁଭଦ୍ରା
- ଆଜି ବାହୁଡ଼ିବେ ବଡ଼ଭାଇ

**ବାରିପଦା ଅଫିସ,୧୩।୭**



ଦେବୀ ସୁଭଦ୍ରାଙ୍କ ରଥକୁ ମହିଳା ଶ୍ରଦ୍ଧାଳୁମାନେ ଟାଣି ଆଣୁଛନ୍ତି।

ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ବାରିପଦାରେ ଲକ୍ଷାଧିକ ଭକ୍ତଙ୍କ ସମାଗମରେ ଶନିବାର ବାହୁଡା ରଥଟଣା ଆରମ୍ଭ ହୋଇଛି। ପାଗ ଅନୁକୂଳ ଥିବାରୁ ବାହୁଡା ଯାତ୍ରାରେ ଏଥର ଅଧିକ ଭକ୍ତଙ୍କ ସମାଗମ ପରିବେଶକୁ ଉତ୍ସବମୁଖର କରିଛି। ଭକ୍ତମାନେ ପ୍ରଥମେ ଜଗନ୍ନାଥଙ୍କ ରଥକୁ ଶ୍ରୀମନ୍ଦିର ଯାଏ ଟାଣି ଆଣିଥିଲେ। ପଛରେ ଆସିଥିଲେ ଭଉଣୀ ସୁଭଦ୍ରା। ପରମ୍ପରା ଅନୁଯାୟୀ ତାଙ୍କ ରଥକୁ ମହିଳା ଶ୍ରଦ୍ଧାଳୁମାନେ ଟାଣିଥିଲେ। ସୁଭଦ୍ରାଙ୍କ ରଥ ବାରିପଦା ଟାଉନ ଥାନା ନିକଟରେ ଅଧାବାଟରେ ଅଟକି ରହିଛି। ବଡ ଭାଇ ବଳଭଦ୍ରଙ୍କ ରଥ ମାଉସୀ ମା' ମନ୍ଦିର ସମ୍ମୁଖରେ ଅଟକି ରହିଛି। ରବିବାର ଭଉଣୀ ସୁଭଦ୍ରା ଓ ବଡଭାଇ ବଳଭଦ୍ରଙ୍କ ରଥକୁ ଶ୍ରୀମନ୍ଦିର ଯାଏ ଟଣାଯାଇ ସନ୍ଧ୍ୟାରେ ମହାପ୍ରଭୁ ଓ ମହାଲକ୍ଷ୍ମୀଙ୍କ ଭେଟ ଅନୁଷ୍ଠିତ ହେବ। ପରେ ରାତିରେ ତିନି ଠାକୁର ପହଣ୍ଡି ବିଜେ କରି ସିଂହାସନକୁ ଯିବେ।

ଶ୍ରୀକ୍ଷେତ୍ର ଭଳି ବାରିପଦା ରଥଯାତ୍ରାରେ ରୀତିନୀତି ପାଳନ ହେଉଥିଲେ ମଧ କେତେକ ନିଆରା ପରମ୍ପରା ଏହାର ଅନ୍ୟତମ ଆକର୍ଷଣ ହୋଇ ରହିଆସିଛି। ବାରିପଦାରେ ଶ୍ରୀଗୁଣ୍ଡିଚା ଯାତ୍ରା ବେଳେ ଆଗରେ ବଡ ଭାଇ, ମଝିରେ ଭଉଣୀଙ୍କ ରଥ ଗଡିଥାଏ, ପଛରେ ରହିଥାଏ ନନ୍ଦିଘୋଷ। ପୁରୀରେ ରଥ ଟଣା ଯିବାର ଦିନକ ପରେ ଏଠାରେ ରଥ ଟଣାଯାଇଥାଏ। ସେହିପରି ପୁରୀ ବାହୁଡା ଯାତ୍ରାର ଦିନକ ପରେ ଏଠାରେ ରଥଟଣା ପରମ୍ପରା ନିଆରା ଢଙ୍ଗରେ ପାଳିତ ହୋଇ ଆସୁଛି।

ଉଲ୍ଲେଖନୀୟ ଯେ, ଶୁକ୍ରବାର ଶ୍ରୀଜୀଉମାନେ ମାଉସୀ ମା' ମନ୍ଦିରର ଆଡପ ମଣ୍ଡପ ଛାଡି ପହଣ୍ଡିରେ ତିନି ରଥକୁ ବିଜେ କରିଥିଲେ। ତିନି ଠାକୁର ରଥାରୂଢ଼ ହୋଇ ରୁପା ବେଶରେ ଦର୍ଶନ ଦେଇଥିଲେ। ଭକ୍ତମାନେ ରଥାରୂଢ଼ ଦିଅଁଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ଶନିବାର ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ସରିବା ପରେ ପ୍ରଥମେ ଜଗନ୍ନାଥଙ୍କ ରଥଟଣା ଆରମ୍ଭ ହୋଇଥିଲା। ଘଣ୍ଟ, କାହାଳି, ସଂକୀର୍ତ୍ତନ ଓ ଜୟ ଜଗନ୍ନାଥ ଧ୍ୱନିରେ ବଡଦାଣ୍ଡ ପ୍ରକମ୍ପିତ ହୋଇଉଠିଥିଲା। ଘୋର ଘର୍ଘର ନାଦକରି ଆଗକୁ ବଢ଼ିଥିଲା ରଥ। ସେହିପରି ଦେବୀ ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିବା ଅଧିକ ଆକର୍ଷଣ ସାଜିଥିଲା। ଶ୍ରଦ୍ଧାଳୁମାନେ ପ୍ରଥମେ ଶ୍ରୀଜଗନ୍ନାଥଙ୍କ ରଥକୁ ଟାଣି ଅପରାହ୍ନ ପ୍ରାୟ ୩ଟା ୪୫ ସୁଦ୍ଧା ଶ୍ରୀମନ୍ଦିର ନିକଟରେ ପହଞ୍ଚାଇଥିଲେ। ସୁଭଦ୍ରାଙ୍କ ରଥ ଅପରାହ୍ନ ପ୍ରାୟ ସାଢେ ୫ଟା ସୁଦ୍ଧା ଟାଉନ ଥାନା ସମ୍ମୁଖରେ ପହଞ୍ଚିଥିଲା। ରଥଟଣା ବେଳେ ମହିଳା ଶ୍ରଦ୍ଧାଳୁଙ୍କ ହୁଳହୁଳି ଧ୍ୱନିରେ ବଡଦାଣ୍ଡ ପ୍ରକମ୍ପିତ ହୋଇ ଉଠିଥିଲା।

ପ୍ରଥମ ଦିନର ବାହୁଡା ରଥଟଣା ଶାନ୍ତି ଶୃଙ୍ଖଳାର ସହିତ ଶେଷ ହୋଇଛି। ଅଧାବାଟରେ ରହିଥିବା ଦେବୀ ସୁଭଦ୍ରାଙ୍କ ରଥକୁ ରବିବାର ପ୍ରଥମେ ଟଣାଯିବ। ଶ୍ରଦ୍ଧାଳୁଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଲଡୁ ଫିଙ୍ଗାଯାଇ ରଥଟଣା ଆରମ୍ଭ ହେବ। ଦେଉଳ ନିକଟକୁ ରଥ ଆସିବା ପରେ ବଡଭାଇ ବଳଭଦ୍ରଙ୍କ ରଥଟଣା ହେବ। ବଳଭଦ୍ରଙ୍କ ରଥ ଦେଉଳ ନିକଟରେ ପହଞ୍ଚିବା ପରେ ରଥ ଉପରୁ ଶ୍ରଦ୍ଧାଳୁଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଲଡୁ ଫିଙ୍ଗାଯିବ। ସେହିଦିନ ସନ୍ଧ୍ୟା ସାଢେ ୬ଟାରୁ ସାଢେ ୭ଟା ମଧ୍ୟରେ ମହାପ୍ରଭୁ ଓ ମହାଲକ୍ଷ୍ମୀଙ୍କ ଭେଟ ଅନୁଷ୍ଠିତ ହେବ। ଏଥିସହ ଅନ୍ୟ ରୀତିନୀତି ଶେଷ ହୋଇ ରାତି ସାଢେ ୧୦ଟା ପରେ ତିନି ଠାକୁର ବଡଦେଉଳକୁ ବିଜେ କରିବେ।

ବାହୁଡା ଯାତ୍ରା ପାଇଁ ବାରିପଦା ସହର ଉତ୍ସବମୁଖର ହୋଇପଡିଛି। ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଭକ୍ତମାନଙ୍କୁ ସେବା ଯୋଗାଇ ଥିଲେ। ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିଲା। ଦେବୋତ୍ତର ବିଭାଗ ଠାକୁରଙ୍କ ନୀତି ସୁରୁଖୁରୁରେ ସମ୍ପନ୍ନ କରିବାକୁ ଉଦ୍ୟମ ଜାରି ରଖିଥିଲା।

## ବାହୁଡ଼ା ଯାତ୍ରା ସାହିତ୍ୟ ଆସର

### 'ଭାବବନ୍ଧନ', 'ମାଟିଫୁଲ' ଉନ୍ମୋଚିତ

**କପ୍ତିପଦା,୧୩।୭(ଡ଼ିଏନ୍ଏ)–** ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଅଧୀନ ପିଙ୍ଗୁ–ନୁଦଡିହାରେ ବାହୁଡ଼ାଯାତ୍ରା ଅବସରରେ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ଜଗନ୍ନାଥ ମନ୍ଦିର କମିଟି ନୁଦଡିହା–ପିଙ୍ଗୁର ସଭାପତି ସର୍ବେଶ୍ୱର ରାଉତ ପୌରୋହିତ୍ୟ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ତଥା ସାହିତ୍ୟିକ ବୃନ୍ଦାବନ ଦାସ, ମୁଖ୍ୟବକ୍ତା ଭାବେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ମହାଳିକ, ଔପନ୍ୟାସିକ କୃଷ୍ଣଚନ୍ଦ୍ର ମିଶ୍ର, ପୂର୍ବତନ ଶିକ୍ଷକ ପ୍ରଫୁଲ୍ଲ କୁମାର ଖିଲାର, କିଶୋର ଚନ୍ଦ୍ର ଦାସବାବୁ, ପୂଜ୍ୟପୂଜା ସଂଗଠନର ସଭାପତି ସର୍ବେଶ୍ୱର ମହାପାତ୍ର, ସମାଜସେବୀ ପ୍ରମିଳା ପଣ୍ଡା, ଅଧାପକ ଭୋଳାନାଥ ସାହୁ ଓ ଆଶିଷ କୁମାର ବସା ପ୍ରମୁଖ ବକ୍ତବ୍ୟ ରଖିଥିଲେ। କବି ଯୋଗେନ୍ଦ୍ର ପଣ୍ଡା, ଚିତ୍ରାନନ୍ଦ ବେହେରା, କବୟିତ୍ରୀ ନମିତା ରାଉତ, କ୍ଷଣପ୍ରଭା ଜେନା, ରୁକ୍ମଣୀ ସାହୁ, ରଙ୍ଗଲତା ବେହେରା ପ୍ରମୁଖକବିତା ପାଠ କରି ଜଗନ୍ନାଥଙ୍କୁ ଅର୍ଘ୍ୟ ବାଢ଼ିଥିଲେ। ଏହି ଅବସରରେ 'ଭାବ ବନ୍ଧନ' ପତ୍ରିକାକୁ ମୁଖ୍ୟଅତିଥି ଏବଂ 'ମାଟିଫୁଲ'ର ରଥଯାତ୍ରା ସଂଖ୍ୟାକୁ ମୁଖ୍ୟବକ୍ତା ଉନ୍ମୋଚନ କରିଥିଲେ।

## ଉଜ୍ଜ୍ୱଳ, ଉତ୍ଥାନ, ଉତ୍କର୍ଷ ପାଠପଢ଼ାକୁ ନେଇ ଅଡୁଆ

**ବେତନଟୀ,୧୩।୭(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲାର ସରକାରୀ ବିଦ୍ୟାଳୟରେ ୨ୟରୁ ୯ମ ଶ୍ରେଣୀ ମଧ୍ୟରେ ପାଠପଢାରେ ଦୁର୍ବଳ ରହୁଥିବା ପିଲାଙ୍କ ସକାଶେ ରାଜ୍ୟ ସରକାର ଉଜ୍ଜ୍ୱଳ, ଉତ୍ଥାନ ଓ ଉତ୍କର୍ଷ ଯୋଜନା କାର୍ଯ୍ୟକାରୀ କରିବା ପରେ ଏହାକୁ ନେଇ ଅଡୁଆ ସ୍ଥିତି ସୃଷ୍ଟି ହୋଇଛି। ଏହି ଯୋଜନାରେ ୪୦ ଦିନିଆ ସ୍ୱତନ୍ତ୍ର ପାଠପଢାଯିବା ପରେ ନିୟମିତ ପାଠ୍ୟପୁସ୍ତକ ପଢାଯିବା ବ୍ୟବସ୍ଥା ରହିଛି। ଏଥିଲାଗି ମେଧାବୀ ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଜିଲାର ବେତନଟୀ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ଅଭାବ ଓ ଭିତ୍ତିଭୂମି ସୁବିଧା ନ ଥିବା ଆଦି ସମସ୍ୟା ଏହି ଯୋଜନାକୁ ବିବାଦ ଘେରକୁ ଟାଣି ନେଇଛି।

ଉଲ୍ଲେଖନୀୟ ଯେ, ଶିକ୍ଷା କ୍ଷେତ୍ରରେ ଦୁର୍ବଳ ଥିବା ଛାତ୍ରୀଛାତ୍ରଙ୍କ ଲାଗି ୨ୟ ଶ୍ରେଣୀରୁ ୫ମ ଶ୍ରେଣୀ ପିଲାଙ୍କ ପାଇଁ ଉଜ୍ଜ୍ୱଳ ଯୋଜନା, ୬ଷ୍ଠରୁ ୮ମ ଶ୍ରେଣୀ ମଧ୍ୟରେ ଉତ୍ଥାନ ଓ ୯ମ ଶ୍ରେଣୀ ପାଇଁ ଉତ୍କର୍ଷ ଯୋଜନା କାର୍ଯ୍ୟକାରୀ କରାଯାଉଛି। ପ୍ରଥମେ ରାଜ୍ୟର ୭ ଜିଲାରେ ପରୀକ୍ଷା ମୂଳକ ଏହି ଯୋଜନା ଲାଗୁ କରାଯାଇଥିଲା। ଗତ ଶିକ୍ଷାବର୍ଷରେ ମୟୂରଭଞ୍ଜ ସମେତ ୧୫ ଜିଲାକୁ ଏଥିରେ ମିଶା ଯାଇଥିଲା। ଏଥର ମୋଟ ୨୭ ଜିଲାକୁ ଏହି ଯୋଜନା ସମ୍ପ୍ରସାରିତ କରାଯାଇଛି। ମୟୂରଭଞ୍ଜ ଜିଲାରେ ଗତବର୍ଷ ଭଳି ଏଥର ସମସ୍ତ ପୁରୁଣା ଓ ନୂତନ ସରକାରୀ ବିଦ୍ୟାଳୟରେ ୭ଟି ପିରିଅଡ ମଧ୍ୟରୁ ୫ଟି ପିରିୟଡରେ ଉଜ୍ଜ୍ୱଳ, ଉତ୍ଥାନ ଓ ଉତ୍କର୍ଷ ଯୋଜନା ଅନୁଯାୟୀ ପାଠ ପଢାଯାଉଛି। ଏଥିଲାଗି ମେଧାବୀ ଛାତ୍ରୀଛାତ୍ରଙ୍କ ପାଠପଢା ବାଧାପ୍ରାପ୍ତ ହେଉଥିବା ଅଭିଭାବକମାନେ ଅଭିଯୋଗ କରି ଉପରୋକ୍ତ ଯୋଜନା ଲାଗି ସ୍ୱତନ୍ତ୍ର ସମୟ ସାରଣୀ ପ୍ରସ୍ତୁତ କରାଯାଉ ବୋଲି ଦାବି କରିଛନ୍ତି। ସେମାନେ ଦର୍ଶାଉଛନ୍ତି ଯେ, ଅନେକ ବିଦ୍ୟାଳୟରେ ଭିତ୍ତିଭୂମି ସୁବିଧା ନ ଥିବା ଓ ଶିକ୍ଷକ ଅଭାବ ଭଳି ସମସ୍ୟା ଲାଗି ରହିଥିବାରୁ ସେଠାରେ ବାର୍ଷିକ ପରୀକ୍ଷା ପୂର୍ବରୁ ପାଠ୍ୟପୁସ୍ତକର ପଢା ଶେଷ ହୋଇପାରୁ ନାହିଁ। ବିଦ୍ୟାଳୟରେ ବର୍ଷକୁ ପ୍ରାୟ ୧୪୦ ଦିନ ଛୁଟି ଦିବସ ରହୁଛି। ବିଭିନ୍ନ କାରଣ ନେଇ ପରେ ଅଧିକ ଛୁଟିଦିନ ଦିଆଯାଉଛି। ଏଭଳି ସ୍ଥିତିରେ ୪୦ ଦିନିଆ ସ୍ୱତନ୍ତ୍ର ପାଠପଢା ବ୍ୟବସ୍ଥା କିଭଳି କାର୍ଯ୍ୟକାରୀ ହେବ ସେନେଇ କୌଣସି ଯୋଜନା ହୋଇ ନାହିଁ । ବେତନଟୀ ଅଞ୍ଚଳର ଅଭିଭାବକ ଡ. ଆଶିଷ କୁମାର ବାନାର୍ଜୀ ଓ ଦୀପକ ମହାପାତ୍ର ସେମାନଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଶିକ୍ଷା କ୍ଷେତ୍ରରେ ଦୁର୍ବଳ ଛାତ୍ରୀଛାତ୍ରଙ୍କ ଲାଗି ବିଦ୍ୟାଳୟ ପାଠ ପଢା ସମୟକୁ ଛାଡି ସକାଳ ଓ ଅପରାହ୍ନ ୪ଟା ପରେ ବ୍ୟବସ୍ଥା କରାଯିବା ଆବଶ୍ୟକ। ଏପରି କରାଯାଇଥିଲେ ମେଧାବୀ ପିଲାଙ୍କ ପାଠପଢାରେ ବାଧାସୃଷ୍ଟି ହୋଇ ନ ଥାଆନ୍ତା। ଶିକ୍ଷକମାନଙ୍କୁ ବାହାର କାମରୁ ବାଦ୍ ଦେଇ କେବଳ ଶିକ୍ଷାଦାନ କରିବାକୁ କୁହାଯିବା ସହ ଅଧିକ ଶିକ୍ଷକ ନିଯୁକ୍ତି ଦିଆଯିବା, ଖାଲିଥିବା ପଦବୀ ପୂରଣ କରାଯିବା ଉଚିତ । ଉଜ୍ଜ୍ୱଳ, ଉତ୍ଥାନ ଓ ଉତ୍କର୍ଷ ଯୋଜନାରେ ଜିଲାଶ ସ୍ତରୀୟ ପ୍ରଶିକ୍ଷକ ଭାବେ କାର୍ଯ୍ୟକରୁଥିବା ବେତନଟୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ସାମନ୍ତରାୟଙ୍କୁ ଏ ସମ୍ପର୍କରେ ପଚାରିବାରୁ କହିଛନ୍ତି, ଅଧିକାଂଶ ବିଦ୍ୟାଳୟରେ ଦୁର୍ବଳ ଶ୍ରେଣୀର ପିଲାଙ୍କ ସଂଖ୍ୟା ଅଧିକ । ସେମାନଙ୍କ ଲାଗି ଏହି ନୂତନ ବ୍ୟବସ୍ଥା ଆରମ୍ଭ କରାଯାଇଛି। ଉଜ୍ଜ୍ୱଳ, ଉତ୍ଥାନ ଓ ଉତ୍କର୍ଷ ଯୋଜନାର ସଫଳ ରୂପାୟନ ଲାଗି ସମସ୍ତଙ୍କ ସହଯୋଗ ରହିବା ଉଚିତ ବୋଲି ସେ କହିଥିଲେ।

### ରାଷ୍ଟ୍ରୀୟ ଲୋକ ଅଦାଲତ

**ରାଇରଙ୍ଗପୁର,୧୩।୭(ଡି.ଏନ୍.ଏ.)–** ସ୍ଥାନୀୟ ରାଇରଙ୍ଗପୁର ସିଭିଲ କୋର୍ଟ ପରିସରରେ ତାଲୁକ ଆଇନ ସେବା କମିଟି ଅଧକ୍ଷ ତଥା ଅତିରିକ୍ତ ଜିଲା ଜଜ୍ ଅନୂପ ରଞ୍ଜନ ପଟ୍ଟନାୟକଙ୍କ ଅଧକ୍ଷତାରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ସବ୍‌ଡିଭିଜନାଲ ଜୁଡିସିଆଲ ମାଜିଷ୍ଟ୍ରେଟ୍ ସତ୍ୟବ୍ରତ ରଣା ୩ଟି ବାଉନ୍ସ ମାମଲାର ବିଚାର କରି ୮୨ ହଜାର ଟଙ୍କା ଜରିମାନା ଆଦାୟ କରିଥିଲେ। ସିଭିଲ କୋର୍ଟ ମାଜିଷ୍ଟ୍ରେଟ୍ ଜୀବନ କୁମାର ପଟ୍ଟନାୟକ ୯ଟି ମାମଲାର ଫଇସଲା କରିଥିଲେ।

### ବ୍ୟାଟେରି, ଟାୟାର ଚୋର ଗିରଫ

**ରାଇରଙ୍ଗପୁର,୧୩।୭(ଡି.ଏନ୍.ଏ.)–** ସ୍ଥାନୀୟ ଟାଉନ ଥାନା ଅନ୍ତର୍ଗତ ଧରମ ଗଳି ବସ୍ତୀ ଅଞ୍ଚଳରୁ ଏକ ଗାଡ଼ିର ବ୍ୟାଟେରି ଏବଂ ଟାୟାର ଚୋରି ଘଟଣାରେ ପୋଲିସ ମହୁଲଡିହା ବସ୍ତିର ଅଜିତ୍ କୁମାର ନାଏକଙ୍କୁ ଶନିବାର ଗିରଫ କରିଛି।

## ବିଦ୍ୟାଳୟ ଖେଳ ଉପକରଣ କିଣାରେ ସ୍ୱଚ୍ଛତା ନେଇ ପ୍ରଶ୍ନ

**କପ୍ତିପଦା,୧୩।୭(ଡ଼ି.ଏନ୍.ଏ)**

ମୟୂରଭଞ୍ଜ ଜିଲାର ସମସ୍ତ ଉଚ୍ଚ ବିଦ୍ୟାଳୟରେ କ୍ରୀଡା ପ୍ରତି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ଲାଗି ଏଥର ଖେଳ ଉପକରଣ କିଣାଯିବା ସକାଶେ ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ରାମ୍‌ସା) ପକ୍ଷରୁ ଅର୍ଥ ବରାଦ କରାଯାଇଛି। ପ୍ରତ୍ୟେକ ବିଦ୍ୟାଳୟକୁ ୧୫ ହଜାର ଟଙ୍କା ଲେଖାଏ ଅନୁଦାନ ମିଳିଛି। ଏକ ନିର୍ଦ୍ଦିଷ୍ଟ ସଂସ୍ଥାରୁ ଏହି ଉପକରଣ କିଣିବା ଲାଗି ବିଭାଗୀୟ ଅଧିକାରୀମାନେ ବିଦ୍ୟାଳୟ ଉପରେ ଚାପ ପକାଉଥିବା ଅଭିଯୋଗ ହେଉଛି। ସମ୍ପୃକ୍ତ ସଂସ୍ଥାରୁ ଖେଳ ଉପକରଣ କିଣାଗଲେ ୩ ହଜାର ଟଙ୍କା କମିଶନ ମିଳିବ ବୋଲି କୁହାଯାଉଥିବାରୁ ଏହି ଯୋଜନାର ସ୍ୱଚ୍ଛତା ନେଇ ପ୍ରଶ୍ନ ଉଠିଛି। କେତେକ ଶିକ୍ଷକ ନିଜର ନାମ ପ୍ରକାଶ ନ କରିବାକୁ ଅଭିଯୋଗ କରି ଏଭଳି ଅଭିଯୋଗ କରିଛନ୍ତି। ସେମାନେ ଦର୍ଶାଇଛନ୍ତି ଯେ, ପ୍ରତ୍ୟେକ ବିଦ୍ୟାଳୟକୁ ମିଳିଥିବା ଅର୍ଥ 'ରାମସା' ଆକାଉଣ୍ଟରେ ଜମା କରାଯାଇଛି। ଏହି ଟଙ୍କାରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଖେଳ ଶିକ୍ଷକ ଓ ଶିକ୍ଷା କମିଟିର ପରାମର୍ଶ ନେଇ ଖେଳ ଉପକରଣ କିଣିବା ବ୍ୟବସ୍ଥା ରହିଛି। କିନ୍ତୁ ଖେଳ ସାମଗ୍ରୀ ଏକ ନିର୍ଦ୍ଦିଷ୍ଟ ସଂସ୍ଥାରୁ କିଣିବାକୁ କେତେକ ବିଭାଗୀୟ ଅଧିକାରୀ ଚାପ ପକାଉଥିବା ପଦାକୁ ଆସିବା ପରେ ଏହା ଚର୍ଚ୍ଚାର ବିଷୟ ହୋଇଛି। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ଧ୍ରୁବଚରଣ ବେହେରାଙ୍କୁ ପଚାରିବାରୁ ବିଭାଗ ପକ୍ଷରୁ ସବୁ ବିଦ୍ୟାଳୟକୁ ଭଲ ବ୍ରାଣ୍ଡର ଜିନିଷ କିଣିବାକୁ କୁହାଯାଇଛି। ଏ ନେଇ କେହି କାହାକୁ ପ୍ରରୋଚିତ କରିବା ପ୍ରଶ୍ନ ଉଠୁନାହିଁ । କେହି ଏଭଳି କରିଥିବାନେଇ ତାଙ୍କ ନିକଟରେ କୌଣସି ଅଭିଯୋଗ ହୋଇନାହିଁ ବୋଲି କହିଥିଲେ।

## କୁଳିଅଣା ତହସିଲ ରେକର୍ଡପତ୍ର ଯାଞ୍ଚ କଲେ ଜିଲାପାଳ

**କୁଳିଅଣା,୧୩।୭(ଡ଼ି.ଏନ୍.ଏ.)–**ମୟୂରଭଞ୍ଜ ଜିଲାପାଳ ଭିନୀତ ଭରଦ୍ୱାଜ ଶନିବାର ଅଚାନକ କୁଳିଅଣା ତହସିଲ କାର୍ଯ୍ୟାଳୟ ପରିଦର୍ଶନ କରି ବିଭିନ୍ନ ରେକର୍ଡପତ୍ର ଯାଞ୍ଚ କରିଥିଲେ। ଦାଖଲ ଖାରଜ, ବାଲି, ପଥର, ଖଣି, ଇଟାଭାଟି ପ୍ରଭୃତିରୁ ହେଉଥିବା ଆୟ ତଦାରଖ କରିବା ସହ ଘରବାଡି ଜବରଦଖଲ ସମ୍ପର୍କରେ ପଚାରି ତଥ୍ୟ ଜାଣିଥିଲେ। ତହସିଲଦାର ବସନ୍ତ କୁମାର ସାହାଣୀ ଉପସ୍ଥିତ ଥିଲେ। ତହସିଲ କାର୍ଯ୍ୟାଳୟ କର୍ମଚାରୀ ସେମାନଙ୍କ ବିଭାଗର କେସ୍ ରେକର୍ଡ ତଦାରଖରେ ସହଯୋଗ କରିଥିଲେ।

■ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ ସମାରୋହ

# 'ବିଶ୍ୱବିଦ୍ୟାଳୟ ବିକାଶରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'





ଭୂମିପୁତ୍ର ଭାବେ ଗବେଷକ ଡ. ବିଦ୍ୟାଧର ବେହେରା (ବାମ) ଏବଂ ଗୀତିକାର ନିମାଇଁ ମହାନ୍ତିଙ୍କୁ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଉତ୍ସବରେ ସମ୍ମାନିତ କରାଯାଉଛି।

### ବିଶିଷ୍ଟ ବ୍ୟକ୍ତି, ଛାତ୍ରୀଛାତ୍ର ଓ ଅନୁଷ୍ଠାନକୁ ସମ୍ମାନ

**ବାରିପଦା ଅଫିସ,୧୩।୭**

ମୟୂରଭଞ୍ଜ ଜିଲା ବାରିପଦା ତକତପୁରସ୍ଥିତ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟର ୨୨ତମ ପ୍ରତିଷ୍ଠା ଦିବସ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ କୁମାର ଚାନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଭୁବନେଶ୍ୱରସ୍ଥିତ ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁଧାକର ପଣ୍ଡା ମୁଖ୍ୟବକ୍ତା ଏବଂ ଓଡିଶା ମଣ୍ଡଳର ମୁଖ୍ୟ ଡାକ ପ୍ରବନ୍ଧକ ଡକ୍ଟର ସନ୍ତୋଷ କୁମାର କମିଳା ଏବଂ ପ୍ରଫେସର ରାମଚନ୍ଦ୍ର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ସ୍ଥାପନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରି ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲାକୁ ଶିକ୍ଷା କ୍ଷେତ୍ରରେ ଆଗକୁ ନେବା ଲାଗି ସମସ୍ତଙ୍କ ସହଯୋଗ ଲୋଡିଥିଲେ। ସେ କହିଥିଲେ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବା ପରେ ଜିଲାର ବହୁ ଆଦିବାସୀ ଯୁବତୀଯୁବକ ଅଧ୍ୟୟନ କରି ଆତ୍ମନିର୍ଭରଶୀଳ ହେବା ସହ ଜିଲା ପାଇଁ ଗୌରବ ଆଣିଛନ୍ତି । ଏଠାରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ର ବିଶ୍ୱବିଦ୍ୟାଳୟର ବିକାଶ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ପାରିବେ। ବିଶ୍ୱବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ଲାଗି ରାଜ୍ୟ ସରକାର ସର୍ବଦା ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଥିଲେ।

ବିଶ୍ୱବିଦ୍ୟାଳୟର ପିଜି କାଉନସିଲ ଚେୟାରପର୍ସନ ପ୍ରଫେସର ସୁସ୍ମିତା କର ପ୍ରଥମେ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ପ୍ରଫେସର ପ୍ରମୋଦ କୁମାର ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ଅତିଥିମାନେ ବିଶ୍ୱବିଦ୍ୟାଳୟ ନାମାଙ୍କିତ ସ୍ୱତନ୍ତ୍ର ଡାକ ଲଫାପା ଉନ୍ମୋଚନ କରିବା ସହିତ ଡ. କବିତା ବାରିକଙ୍କ ଲିଖିତ ପୁସ୍ତକ 'ଓଡିଆ ସାହିତ୍ୟ ବିକାଶରେ ମୟୂରଭଞ୍ଜ' ଏବଂ ପ୍ରଫେସର ହୃଦୟନାଥ ଥାଟୋଇ ଓ ଡ. ସୁକାନ୍ତ କୁମାର ନାୟକଙ୍କ ଲିଖିତ ପୁସ୍ତକକୁ ଉନ୍ମୋଚନ କରିଥିଲେ। ବିଶ୍ୱବିଦ୍ୟାଳୟ ସମ୍ପର୍କିତ ଏକ କ୍ଷୁଦ୍ର ଫିଲ୍ମ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ କବି ଓ ଗୀତିକାର ନିମାଇଁ ମହାନ୍ତିଙ୍କୁ ମୟୂରଭଞ୍ଜ ଭୂମିପୁତ୍ର–୨୦୧୯ ଏବଂ ସାହିତ୍ୟିକ ତଥା ଗବେଷକ ଡକ୍ଟର ବିଦ୍ୟାଧର ବେହେରାଙ୍କୁ କେନ୍ଦୁଝର ଭୂମିପୁତ୍ର –୨୦୧୯ ଭାବେ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ଡକ୍ଟର ଶିଶିର କୁମାର ବେହେରାଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ଦିଆଯିବା ସହ ଅବସରପ୍ରାପ୍ତ ପ୍ରଫେସର ଅକ୍ଷୟ କୁମାର ଖୁଣ୍ଟିଆ ଓ ଅନାଦି ଚରଣ ଗାଁଣଙ୍କୁ ସମ୍ମାନିତ କରାଯାଇଥିଲା। ଶ୍ରେଷ୍ଠ ଅଣଶିକ୍ଷକ କର୍ମଚାରୀ ଭାବେ ଅଭିଲାଷା ରାମ ଓ ଭାଇସ ଚାନ୍‌ସେଲର୍ସ କପ୍‌ର ବିଜେତା ଭାବେ ଓଡିଆ ବିଭାଗର ଛାତ୍ର ବିଭୂତି ଭୂଷଣ ଆଚାର୍ଯ୍ୟ ଓ ଇଂଲିଶ ବିଭାଗର ଛାତ୍ର ଦିବ୍ୟଜ୍ୟୋତି ଦାସଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହିତ ବିଶ୍ୱବିଦ୍ୟାଳୟ ସ୍ତରୀୟ ଜାତୀୟ ସେବା ଯୋଜନା ଆୱାର୍ଡ–୨୦୧୮/୧୯ ପ୍ରଦାନ କରାଯାଇଥିଲା। ରାଗ୍‌ଧାସ୍ଥିତ ଏସସିବି ଡିଗ୍ରୀ କଲେଜର ସୁଚିତ୍ରା ବେହେରା ଓ କୁଣ୍ଡାବାଇସ୍ଥିତ ଆରଡିଏସ ମହାବିଦ୍ୟାଳୟର ଦିଲୀପ କୁମାର ପରମାଣିକଙ୍କୁ ବେଷ୍ଟ ପ୍ରୋଗ୍ରାମ ଅଫିସର ଏବଂ ବାରିପଦା ଏମ୍‌ପିସି ଅଟୋନମସ କଲେଜର ଦିବ୍ୟାନି ବେହେରା, ଝାରପୋଖରିଆ ସୀମାନ୍ତ ମହାବିଦ୍ୟାଳୟର ପ୍ରଭଞ୍ଜନ ମଣ୍ଡଳ, କୁଣ୍ଡାବାଇ ଆରଡିଏସ ମହାବିଦ୍ୟାଳୟର ଦୀପକ କୁମାର ମିଶ୍ର ଓ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟର ସାଲୋମାନ ସାହୁଙ୍କୁ ବେଷ୍ଟ ଭଲ୍ୟୁଣ୍ଟିୟର ଭାବେ ସମ୍ମାନିତ କରାଯାଇଥିଲା। ବେଷ୍ଟ ୟୁନିଟ ଭାବେ ତକତପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ କଲେଜକୁ ସମ୍ମାନିତ କରାଯାଇଥିବା ବେଳେ ଗଡିଆ ଆଞ୍ଚଳିକ ମହାବିଦ୍ୟାଳୟର ନମିତା ବେହେରା ଓ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟର ପ୍ରଫୁଲ୍ଲ କୁମାର ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ପ୍ରଫେସର ଉମାବଲ୍ଲଭ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଗହଣା ଦୋକାନରୁ ଚୋରି

**ନୀଳଗିରି, ୧୩।୭(ଡି.ଏନ.ଏ.):** ନୀଳଗିରି ଥାନା ଅଧୀନ ସନ୍ତରାଗଡ଼ିଆ ବଜାରରେ ଥିବା ନ୍ୟୁ ନାରାୟଣ ଜୁଏଲେରୀ ଦୋକାନରୁ ଶୁକ୍ରବାର ରାତିରେ ଅଜଣା ଦୁର୍ବୃତ୍ତ ଶଟର ଭାଙ୍ଗି ରୁପା ଗହଣା ଚୋରି କରିନେଇଥିବା ଅଭିଯୋଗ ହୋଇଛି। ଏନେଇ ଥାନାରେ ମାମଲା ରୁଜୁ ହୋଇଛି। ଦୋକାନରେ ଲଗାଯାଇଥିବା ସିସିଟିଭିକୁ ଜବତ କରି ଫୁଟେଜ୍ ଆଧାରରେ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ନଳିତା ମୋଦୀ କହିଛନ୍ତି। ମାଲିକ ରାତିରେ ଦୋକାନ ବନ୍ଦ କରି ଉପର ମହଲାରେ ଶୋଇଥିଲେ। ରାତି ସାଢେ ଗୋଟାଏ ବେଳେ ଦୋକାନରେ ଚୋର ପଶିଥିବାର ଶବ୍ଦ ଶୁଣି ପାରି ସେ ପୋଲିସକୁ ଜଣାଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚିଲା ବେଳକୁ ଚୋର ପଳାଇ ଯାଇଥିଲେ। ସେହି ଦୋକାନରୁ ଗତ ୬ବର୍ଷ ତଳେ ଅଜଣା ଦୁର୍ବୃତ୍ତ ମାଲିକଙ୍କୁ ଗୁଳିମାଡ଼ କରି ଲକ୍ଷାଧିକ ଟଙ୍କାର ସୁନା, ରୁପା ଓ ନଗଦ ଟଙ୍କା ଲୁଟି ନେଇଥିଲେ। ସେତେବେଳେ ପୋଲିସ ଚୋରଙ୍କୁ ଚିହ୍ନଟ କରିପାରି ନ ଥିଲା।

# ଋଣ ଦେବା ନାଁରେ ୫ ଲକ୍ଷ ଠକେଇ

## କମ୍ପାନୀ ମାଲିକଙ୍କୁ ପୋଲିସ ଜିମାଦେଲେ ଜମାକାରୀ



ତିହିଡ଼ି ଥାନାରେ ଜମାକାରୀ ଓ ତାଙ୍କ ପରିବାର ସଦସ୍ୟ।

**ତିହିଡ଼ି, ୧୩।୭ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ବିଭିନ୍ନ ଗ୍ରାମର ସ୍ୱୟଂସହାୟକ ଗୋଷ୍ଠୀକୁ ଋଣ ଦେବା ନାଁରେ ୫ ଲକ୍ଷ ଟଙ୍କା ଠକେଇ ହୋଇଥିବା ଶନିବାର ତିହିଡ଼ି ଥାନାରେ ଅଭିଯୋଗ କରାଯାଇଛି। ଧାମନଗର ବ୍ଲକ ଧୂଷୁରୀ ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମର ଜଣେ ବ୍ୟକ୍ତି ଏକ କମ୍ପାନୀ ଖୋଲି ଏହି ଟଙ୍କା ଠକି ନେଇଥିବା ଅଭିଯୋଗରେ ଦର୍ଶାଯାଇଛି। ତେବେ ଜମାକାରୀମାନେ କୌଶଳକ୍ରମେ ଉକ୍ତ କମ୍ପାନୀ ମାଲିକଙ୍କୁ ଧରିଆଣି ପୋଲିସରେ ଜିମା ଦେଇଛନ୍ତି। କମ୍ପାନୀ ମାଲିକ ଏଜେଣ୍ଟ ଭାବେ ନିଯୁକ୍ତି ଦେଇଥିବା ସିନ୍ଦୋଳ ପଞ୍ଚାୟତ ନୂଆସାହି ଗ୍ରାମର ସୁଲୋଚନା ମଲିକ ଏ ନେଇ ତିହିଡ଼ି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ କମ୍ପାନୀ ମାଲିକଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି।

ଅଭିଯୋଗରେ ଦର୍ଶାଯାଇଛି ଯେ, ମଙ୍ଗଳପୁର ଗ୍ରାମର ଜଣେ ବ୍ୟକ୍ତି ୬ ମାସ ତଳେ ନୂଆସାହି ଗ୍ରାମରେ ପହଞ୍ଚିଥିଲେ। ସେ ଗ୍ରାମର ସ୍ୱୟଂସହାୟକ ଗୋଷ୍ଠୀର ସୁଲୋଚନାଙ୍କୁ ଋଣ ଦେବାର ପ୍ରଲୋଭନ ଦେଖାଇ ଖୋଲିଥିବା କମ୍ପାନୀର ଏଜେଣ୍ଟ ଭାବେ ନିଯୁକ୍ତି ଦେଇଥିଲେ। ପରେ ସେହି ବ୍ୟକ୍ତି ଏକ କମ୍ପାନୀ ନାଁରେ ବିଭିନ୍ନ କାଗଜପତ୍ର ଛପାଇଥିଲେ। ଉକ୍ତ କାଗଜପତ୍ର ମାଧ୍ୟମରେ ସୁଲୋଚନା ବିଭିନ୍ନ ଗ୍ରାମର ସ୍ୱୟଂସହାୟକ ଗୋଷ୍ଠୀରୁ ଟଙ୍କା ଆଦାୟ କରିଥିଲେ। ଟଙ୍କା ଜମା କରିବାର କିଛିମାସ ପରେ କମ୍ପାନୀରୁ ଋଣ ମିଳିବ ବୋଲି ବ୍ୟକ୍ତି ଜଣଙ୍କ ତାଙ୍କୁ କହିଥିଲେ। ସୁଲୋଚନା ୩୯ଟି ଗ୍ରୁପ୍‌ଠାରୁ ୫ ଲକ୍ଷ ଟଙ୍କା ଆଦାୟ କରି ତାଙ୍କୁ ଦେଇଥିଲେ। ଋଣ ନ ମିଳିବାରୁ ସୁଲୋଚନାଙ୍କ ମନରେ ସନ୍ଦେହ ଉପୁଜିଥିଲା। ସେ ମଙ୍ଗଳପୁରକୁ ଯାଇ କମ୍ପାନୀ କାର୍ଯ୍ୟାଳୟ ଖୋଜି ପାଇ ନ ଥିଲେ। ସେହି ବ୍ୟକ୍ତି ତାଙ୍କୁ ଭଦ୍ରକ ବନ୍ତସ୍ଥିତ ଏକ କମ୍ପାନୀରୁ ଋଣ ମିଳିବ ବୋଲି କହିଥିଲେ। ସୁଲୋଚନା ବନ୍ତ କମ୍ପାନୀ କାର୍ଯ୍ୟାଳୟକୁ ଯିବାପରେ ସେହି ନାମରେ କେହି କର୍ମଚାରୀ ନ ଥିବା ସେଠାରେ କୁହାଯାଇଥିଲା। ପରେ ସୁଲୋଚନା ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଶନିବାର ସକାଳେ ସେ କେତେକ ବ୍ୟକ୍ତିଙ୍କ ସହ ମଙ୍ଗଳପୁର ଯାଇ ଉକ୍ତ ଠକ ବ୍ୟକ୍ତିଙ୍କୁ କୌଶଳକ୍ରମେ ନୂଆସାହି ଗ୍ରାମକୁ ଡାକି ଆଣିଥିଲେ। ପରେ ଜମାକାରୀମାନେ ତାଙ୍କୁ ତିହିଡ଼ି ଥାନାକୁ ନେଇ ପୋଲିସକୁ ହସ୍ତାନ୍ତର କରିଥିଲେ। ପୋଲିସ ଏହି ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଜମାକାରୀମାନେ ଦାବି ଜଣାଇଛନ୍ତି।

# ଅଶ୍ଳୀଳ ଭିଡିଓ ଭାଇରାଲ କରି ପ୍ରେମିକ ଫେରାର

## ନାବାଳିକା ଓ ତାଙ୍କ ପିତା ମେରାଇନ୍ ଥାନାରେ ଦ୍ୱାରସ୍ଥ

**ଭୋଗରାଇ, ୧୩।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଞ୍ଚଳରେ ପୁଣି ଏକ ଲଜ୍ଜାଜନକ ଘଟଣା ଘଟିଛି। ୫ଦିନ ତଳେ ଏହି ଥାନା ସୀମାରେ ଥିବା କିଆଗଡ଼ିଆ ମଠ ସମ୍ମୁଖ ସୁଭଦ୍ରା ଗେଷ୍ଟ ହାଉସ୍‌ରେ ୨ ବଙ୍ଗୀୟ ଯୁବତୀ ଗଣବଳାତ୍କାର ଶିକାର ହୋଇଥିଲେ। ଏହି ଘଟଣା ମନରୁ ନ ଲିଭୁଣୁ ଶନିବାର ତାଳସାରି ମେରାଇନ ଥାନା ଅଞ୍ଚଳର ଜଣେ ୧୬ ବର୍ଷୀୟା ମାଟ୍ରିକ ଛାତ୍ରୀଙ୍କ ଅଶ୍ଳୀଳ ଭିଡ଼ିଓ ଭାଇରାଲ ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଘଟଣାରେ ଛାତ୍ରୀ ଓ ତାଙ୍କ ବାପା, ଭାଇ ନ୍ୟାୟ ଦାବିରେ ତାଳସାରୀ ମେରାଇନ୍ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ମେରାଇନ୍ ଥାନା ଅଧିକାରୀ ତୁଶିଳ ମାଝି ଛାତ୍ରୀଙ୍କ ବୟାନ ରେକର୍ଡ଼ କରିବା ସହ ଅଭିଯୋଗର ପ୍ରାଥମିକ ତଦନ୍ତ କରି ଏକ ମାମଲା (ନଂ.୨୧/୧୯) ରୁଜୁ କରିଛନ୍ତି। ଛାତ୍ରୀ ଓ ତାଙ୍କ ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇଥିବା ସୁରାକ ପାଇ ଅଭିଯୁକ୍ତ ଓ ତାଙ୍କ ପରିବାର ଲୋକେ ଗ୍ରାମରୁ ଫେରାର ହୋଇଯାଇଛନ୍ତି।

ଏହି ଛାତ୍ରୀଙ୍କ ସହ ପାଖ ଗ୍ରାମର ୨ୟ ବର୍ଷର ଜଣେ ଇଞ୍ଜିନିୟରିଂ ଛାତ୍ରଙ୍କ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଛାତ୍ରୀଙ୍କୁ ପ୍ରଲୋଭନ ଦେଖାଇ ଛାତ୍ରଜଣକ ଦୀଘାକୁ ନେଇ ସେଠାରେ ବାରମ୍ବାର ଶାରୀରିକ ନିର୍ଯାତନା ଦେଇ ଅଶ୍ଳୀଳ ଭିଡ଼ିଓ ରେକର୍ଡ଼ିଂ କରିଥିବା ଛାତ୍ରୀ ଓ ତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଏଭଳି ସ୍ଥିତିରେ ବାରମ୍ବାର ଦୀଘାକୁ ଡାକିବା ଏବଂ ତାଙ୍କ କଥା ନ ମାନିଲେ ଭିଡ଼ିଓ ଭାଇରାଲ ହେବ ବୋଲି ଧମକ ଦେଉଥିବା ନେଇ ଛାତ୍ରୀଜଣକ କହିଛନ୍ତି। ଅଶ୍ଳୀଳ ଭିଡ଼ିଓ ମୋବାଇଲ୍‌ରୁ ମୋବାଇଲ୍ ଘୁରି ବୁଲୁଥିବାରୁ ଛାତ୍ରୀଜଣକ ଭାରସାମ୍ୟ ହରାଇଛନ୍ତି। ତାଙ୍କୁ ପୋଲିସ ସୁରକ୍ଷା ବଳୟରେ ରଖାଯାଇଛି। ଛାତ୍ରଙ୍କ ପରିବାରକୁ ଯୋଗାଯୋଗ ହୋଇପାରୁ ନ ଥିବା ପୋଲିସ କହିଛି। ଅପରପକ୍ଷରେ ଗେଷ୍ଟ ହାଉସ୍‌ରେ ଗଣବଳାତ୍କାରର ଶିକାର ହୋଇଥିବା ୨ ବଙ୍ଗୀୟ ଯୁବତୀଙ୍କୁ ଦୀଘା ଥାନା ସହଯୋଗରେ ଛଡ଼ାଯାଇଛି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ